Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

Pages-8 ODIMUL00867 Rs - 5.00

ଭାଗ:୧, ସଂଖ୍ୟା: ୩, ଭୁବନେଶ୍ୱର, ଡିସେମ୍ବର ୫-୧୧, ୨୦୨୩, Vol: 1, Issue: 3, Bhubaneswar, December 5-11, 2023

# ବିଜେଡି, ବିଜେପି, କଂଗ୍ରେସ, ଆପ୍ ନା ମୋ ଦଳ



ଓଡ଼ିଶାରେ ଉଭୟ ଲୋକସଭା ଓ ବିଧାନସଭା ନିର୍ବାଚନ ପ୍ରସ୍ତୁତି ପରିପ୍ରେକ୍ଷୀରେ ସବୁ ଦଳ ନିଜନିଜର ରଣକୌଶଳ ତିଆରି କରିବାରେ ଲାଗିଲେଣି। ବର୍ତ୍ତମାନ ସ୍ଥିତିରେ ଲୋକେ କୁହାକୁହି ହେଲେଣି, 'ବିଜେଡି' ଉଡୁଛି, 'ବିଜେପି' ଗୁରୁଣ୍ଡୁଛି, 'କଂଗ୍ରେସ' ଆଣ୍ଠେଇଛି, 'ଆମ୍ ଆଦମି' ପେଟେଇ ପଡ଼ିଛି ଆଉ ମୁଣ୍ଡ ଟେକିଲାଣି 'ମୋ ଦଳ'।

ଜନନାୟକ ବିଜୁ ପଟ୍ଟନାୟକଙ୍କ ନାମରେ ଗଠିତ ଆଞ୍ଚଳିକ 'ବିଜୁ ଜନତା ଦଳ'କୁ ପଚିଶି ବର୍ଷ ପୁରିଲାଣି। ପ୍ରତିଷ୍ଠା ଦିନଠାରୁ ତାଙ୍କ ସାନପୁଅ ନବୀନ ପଟ୍ଟନାୟକ ଦଳକୁ ଚଳାଇ ଆସିବା ସହ ଶାସନ ଭାର ନିଜ ହାତରେ ରଖିଛନ୍ତି ଏବଂ ଓଡ଼ିଶାବାସୀଙ୍କ ବିଶ୍ୱାସକୁ ଜିତିବାରେ ମଧ୍ୟ ସକ୍ଷମ ହୋଇ ପାରିଛନ୍ତି। ଏହା ନିଃସନ୍ଦେହ ରାଜ୍ୟରେ ନବୀନଙ୍କର ଏକ ନିଆରା କ୍ରେଜ୍ ରହିଛି। ଠିକ୍ ସମୟରେ ଉଚିତ୍ ନିଷ୍ପତ୍ତି (ମାଷ୍ଟର୍ ଷ୍ଟ୍ରୋକ୍) ନେଇ ସେ ବିରୋଧୀଙ୍କୁ ମାତ୍ ଦେବାରେ ମାହିର୍। ସମ୍ପ୍ରତି ନବୀନଙ୍କ ନିର୍ମଳ ଭାବମୂର୍ତ୍ତି ବା ସ୍ୱଚ୍ଛତା ବ୍ରାଣ୍ଡ୍‌କୁ ପାଥେୟ କରି ଭି. କେ. ପାଣ୍ଡିଆନ, ଆଇଏଏସ୍ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇ ଦଳର ସର୍ବୋଚ୍ଚ ମଙ୍ଗୁଆଳ ସାଜିଛନ୍ତି। ବାଘ ନ ଦେଖିଲେ ବିରାଡ଼ି ଦେଖ ନ୍ୟାୟରେ ଯୁଆଡ଼େ ଦେଖିବ ତାଙ୍କରି ନାଆଁ ଆଉ ତାଙ୍କରି ଚର୍ଚ୍ଚା। ବିଜୁ ଓ ନବୀନ ପଛକୁ ଏବେ ସେ ହଉଛନ୍ତି ବିଜୁ ଜନତା ଦଳର ପୋଷ୍ଟର ବଏ। ଦଳର ସାଧାରଣ କର୍ମୀ, ଛାମୁଆ ନେତା, ବିଧାୟକ ଓ ସାଂସଦ ମାନେ ବି ତାଙ୍କୁ ଆପଣେଇ ସାରିଲେଣି। ଟିକେଟ କଟିବା ଭୟରେ ଡରିକି ହେଉ କି ନିଜର ବ୍ୟବସାୟ ବଞ୍ଚେଇବା ପାଇଁ ସ୍ୱାର୍ଥ ସାଧନ ନିମିତ୍ତ ହେଉ ସମ୍ପୂର୍ଣ୍ଣ ଦଳ ଏବେ ଦଳର ଭବିଷ୍ୟତ ଭି.କେ. ପାଣ୍ଡିଆନ ଙ୍କ ପାଖେ ସମର୍ପିତ। ସେଥିପାଇଁ ଲୋକଙ୍କ ଉକ୍ତି ବିଜେଡି ଏବେ ଉଡୁଛି ଯଥାର୍ଥ।

ଜାତୀୟ ଦଳ ବିଜେପି କଥା କହିଲେ ନ ସରେ। ଭାଙ୍ଗ ନିଶା ଉତୁରିଲା ଭଳି ଦଳ କେତେବେଳେ ଟିକିଏ ମୁଣ୍ଡ ଟେକୁଛି ତ କେତେବେଳେ ଦିଗହରା ହେଇପଡୁଛି। ନୂଆ ସଭାପତି ମନମୋହନ ସାମଲ, ଫାୟାର ବ୍ରାଣ୍ଡ ନେତ୍ରୀ ଅପରାଜିତାଙ୍କୁ ଧରି ହାଲାବୋଲା କଲାବେଳକୁ ଦିଲ୍ଲୀରୁ ଚତୁର ଚାଣକ୍ୟ ଅମିତ ସାହା ଆସି ଏମିତିକା ପାଣିଚିଆ କରିଦେଲେ ଯେ ସଭିଏଁ ଚୁପ୍। ଆଦିବାସୀ ଜମି ପ୍ରସଙ୍ଗ କୁ ଧରି ଭୁବନେଶ୍ୱର ସାଂସଦ ଏକୁଟିଆ ବିଜେଡିକୁ ନାକେଦମ୍ କଲାବେଳକୁ କେନ୍ଦ୍ର ତିନି ଦିନରେ ଭି. କେ. ପାଣ୍ଡିଆନଙ୍କ ଅବସର ଗ୍ରହଣ ଆବେଦନକୁ ଗ୍ରହଣ କରିନେଲା। ସାଧାରଣରେ ଧାରଣା ଦୃଢ଼ ହେଲା ଯେ କେନ୍ଦ୍ର-ରାଜ୍ୟ ସଲାସୁତୁରା ରାଜନୀତି କରି ପରସ୍ପରକୁ ଆବଶ୍ୟକ ସମୟରେ ସମର୍ଥନ କରୁଛନ୍ତି। ଏ କଥା ମଧ୍ୟ ଆଉ କାହାରିକୁ ଅଛପା ନାହିଁ ଯେ କେନ୍ଦ୍ର ସରକାରଙ୍କ କୌଣସି ବିଷୟରେ ପାରିତ ହେବାକୁ ଥିବା ବିଲ୍‌କୁ ଉଭୟ ସଦନରେ ବିଜେଡି ନିଃସର୍ତ୍ତ ସମର୍ଥନ ଦେବ ଆଉ ପ୍ରତିବଦଳରେ ବିଜେପି ଓଡିଶା ଶାସନ ବ୍ୟାପାର ରେ ମୁଣ୍ଡ ଖେଳାଇବ ନାହିଁ। ଏହି ଗୋପନ ବୁଝାମଣାର ଫଳ ସ୍ୱରୁପ ଓଡ଼ିଶାରେ ତେଣୁ ବିଜେପି ଛୁଆ ଭଳି ଗୁରୁଣ୍ଡୁଛି, ଆଉ ମଝିରେ ମଝିରେ ଠିଆ ହେଲା ବେଳକୁ ସାହାରା ନ ପାଇ ତଳେ ପଡିଯାଉଛି ଉକ୍ତି ବି ଗ୍ରହଣ ଯୋଗ୍ୟ।



ସବୁଠାରୁ ପୁରୁଣା ଜାତୀୟ ଦଳ କଂଗ୍ରେସର ଓଡ଼ିଶା ସ୍ଥିତି ନକହିବା ଭଲ। ଜେ. ବି. ପଟ୍ଟନାୟକ (ଜେ.ବି.), ବସନ୍ତ ବିଶ୍ୱାଳ (ବ.ବି) ଓ ହେମାନନ୍ଦ ବିଶ୍ୱାଳ (ହେ.ବି)ଙ୍କ ଅବର୍ତ୍ତମାନରେ ଓଡ଼ିଶାରେ କଂଗ୍ରେସ ଏକ ରକମର ମୃତ ଦଳ କହିଲେ ଅତ୍ୟୁକ୍ତି ହେବ ନାହିଁ। ଦଳରେ ଯୋଗ୍ୟ ନେତାଙ୍କର ଅଭାବ ନାହିଁ। କିନ୍ତୁ ତାଳମେଳ ଅଭାବରୁ ଦଳ ଏବେ ରସାତଳରେ। ଯାହା ହେଲେ ଦିଲ୍ଲୀ ଚଲୋ।

ସେଠାକୁ ଯାଇ ରାହୁଲ ବାବା ଆଉ ସୋନିଆ ମାଆଙ୍କୁ ଦେଖା କରିବାକୁ ଦଶଦିନ ଆଣ୍ଠେଇ ବାକୁ ପଡୁ ପଛେ ଚଳିବ। ଯୁବ ନେତା ଦଳ ପ୍ରତି ବିମୁଖ। ପୁରୁଖା ଓ ପୁରୁଣା ଚିନ୍ତାଧାରାର ନେତାମାନଙ୍କୁ ହିଁ କେନ୍ଦ୍ର ହାଇକମାଣ୍ଡ ଭରସା କରୁଛନ୍ତି। ସତ୍ୟ ନାୟକ, ପ୍ରଦୀପ ମାଝୀ, ଚିରଂଜୀବୀ ବିଶ୍ୱାଳ ଓ ମହମ୍ମଦ ମୋକିମ୍‌ଙ୍କ ଭଳି ପ୍ରତିଭା ଦଳ ପାଇଁ ଅଲୋଡ଼ା। ସେଇ ପୁରୁଖାମାନଙ୍କୁ ଧରି ଦଳ ଆଉ କେତେ ବାଟ ବା ଆଗେଇ ପାରିବ ? ଏଇମିତି କେବଳ ଦିଲ୍ଲୀରେ ଯାଇ ଆଣ୍ଠେଇ ଆଣ୍ଠେଇ ତାଙ୍କର ସ୍ଥିତି ସୁଧୁରିବା ଭଳି ଜଣାପଡୁନି। ଲୋକମତରେ ବିଜେଡି-ବିଜେପି ମଧୁଚନ୍ଦ୍ରିକାକୁ ଭାଙ୍ଗିବା ପାଇଁ କଂଗ୍ରେସର ଦମ୍ ଅଛି। କିନ୍ତୁ ସମନ୍ୱୟର ଅଭାବ ହେତୁ ସର୍ବ ପୁରାତନ ଦଳ ଓଡ଼ିଶାରେ ସେମିତି ଆଣ୍ଠେଇ କି ପଡ଼ିଥିବେ।

ଅରବିନ୍ଦ କେଜ୍ରିୱାଲଙ୍କ ଦଳ 'ଆମ୍ ଆଦମି ପାର୍ଟି' ଏଠି ଏକପ୍ରକାର ନିଷ୍କ୍ରିୟ କହିଲେ ଚଳେ। ପୂର୍ବରୁ ଦଳ ବିଷୟରେ ଅଳ୍ପ ବହୁତ ଯାହା ଟିକିଏ ଆଲୋଚନା ପର୍ଯ୍ୟାଲୋଚନା ହେଉଥିଲା ହେଉଥିଲା। କିନ୍ତୁ ମନିଷ୍ ସିଶୋଡ଼ିଆ, ସଞ୍ଜୟ ସିଂ ଓ ନିଜେ କେଜ୍ରିୱାଲ ଦିଲ୍ଲୀ ମଦ ଦୁର୍ନୀତିରେ ସମ୍ପୃକ୍ତ ହେବାର ବିଷୟକୁ ନେଇ ଆପ୍‌ର ସେ ପୁରୁଣା କ୍ରେଜ ଏବେ ମଳିନ। ବିଶେଷ କରି ଆଦର୍ଶର ଜ୍ଞାନ ବାଣ୍ଟୁଥିବା କେଜ୍ରିୱାଲ 'ଇଣ୍ଡିଆ' ମେଣ୍ଟରେ ସାମିଲ୍ ହେବା ପରେ ଲୋକେ ତାଙ୍କଠାରୁ ମୁହଁ ଫେରାଇଲେଣି। ଏବେ ଆପ୍‌ର ଓଡ଼ିଶା ମୁଖିଆ ନିଶିକାନ୍ତ ମହାପାତ୍ରଙ୍କ ବିଶେଷ ରାଜନୈତିକ ଅଭିଜ୍ଞତା ନାହିଁ। ଦଳ ଆଉ କର୍ମୀଙ୍କୁ ସଚଳ ରଖିବା ନିମନ୍ତେ ଆବଶ୍ୟକ ହେଉଥିବା ହେଉଥିବା ଅର୍ଥ ନଥିବାରୁ ଦଳର ସାଙ୍ଗଠନିକ ସ୍ଥିତି ବହୁତ ଦୁର୍ବଳ। ଅଭିଜ୍ଞ କର୍ମୀମାନେ ଦଳ ଛାଡ଼ି ଚାଲିଯାଉ ଥିବାରୁ ଦଳ ଏକ ପ୍ରକାର ପେଟେଇ ପଡ଼ିଛି। ନିଜର ସ୍ଥିତିକୁ ବଜାୟ ରଖିବାକୁ ସଂଘର୍ଷ କରୁଥିବା ଆମ୍ ଆଦମି ପାର୍ଟି ଉଡୁଥିବା ବିଜେଡି ଦଳକୁ ଚେକ୍ ଦେବ କେମିତି ? ଏଭଳି ଏକ ଫେଣ୍ଟାଫେଣ୍ଟି ମାହୋଲ ସମୟରେ ମୁଣ୍ଡ ଟେକିଲାଣି 'ମୋ ଦଳ'। ନବୀନ'ଙ୍କ ବୟସାଧିକ କାରଣ ପାଇଁ ହେଉ କି ପାଣ୍ଡିଆନ୍ ସାହେବଙ୍କ ଶାସନର ପ୍ରତିଟି କ୍ଷେତ୍ରରେ ଆବଶ୍ୟକତାଠାରୁ ଢେର ଅଧିକ ହସ୍ତକ୍ଷେପ ହେଉ, ଏଥିରେ ଜନସାଧାରଣ କେତେକାଂଶ ରେ ଅତିଷ୍ଠ ହୋଇ ପଡ଼ିଲେଣି। ଏବେ ସକଳ ସମ୍ଭାବନା ସତ୍ତ୍ୱେ ସାଧାରଣ ଲୋକ ବିଜେଡି ଭଳି ଏକ ବିକଳ୍ପ ସ୍ୱଚ୍ଛ ଦଳ ଖୋଜୁଛନ୍ତି। ସମ୍ପ୍ରତି 'ମୋ ଦଳ'ର ମଙ୍ଗୁଆଳ କୃଷକ ନେତା ଅକ୍ଷୟ କୁମାର ଓ ଆର.ଟି.ଆଇ ଆକ୍ଟିଭିଷ୍ଟ ପ୍ରଦୀପ ପ୍ରଧାନଙ୍କୁ ଲୋକେ ବିଶ୍ୱାସକୁ ନେବା ସହିତ ସମର୍ଥନ ବି ଦେବା ଆରମ୍ଭ କଲେଣି। ସେମାନଙ୍କର ଦଳୀୟ ସଭାରେ ସ୍ୱତଃପ୍ରବୃତ୍ତ ଭାବରେ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଯୋଗ ଦେବା କଥା ରାଜନୈତିକ ସମୀକ୍ଷକ ଓ ବୁଦ୍ଧିଜୀବୀମାନେ ଆଲୋଚନା କଲେଣି। ମୁଣ୍ଡ ଟେକୁଥିବା ନୂଆ ଆଞ୍ଚଳିକ ଦଳ 'ମୋ ଦଳ' କ'ଣ 'ବିଜେଡି'ର ବିକଳ୍ପ ହୋଇପାରିବ କି ? ଏଭଳି ଏକ ତୁଣ୍ଡ ବାଇଦ ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ଓଲଟପାଲଟ କରିଦେବ କି ? ଏକଥା ସମୟ କହିବ କି ଲୋକେ କାହାକୁ ଭରସା କରିବେ।

## ଶୁଭେଚ୍ଛା ବାର୍ତ୍ତା

सत्यमेव जयते



ବହୁଭାଷୀ ସାପ୍ତାହିକ ଖବରକାଗଜ ଓ ୱେବ୍‌ପୋଟାଲ୍ 'ଭଏସ୍ ଅଫ୍ ଭିକ୍ଟିମ୍ସ'ର ଶୁଭ ଲୋକାର୍ପଣ ଅବସରରେ ଶୁଭେଚ୍ଛା ଜଣାଉଛି। ଓଡ଼ିଶାରେ ଗଣମାଧ୍ୟମର ସମୃଦ୍ଧ ଐତିହ୍ୟ ଓ ପରମ୍ପରା ରହିଛି। ବିଭିନ୍ନ ସାମାଜିକ କ୍ରିୟାଶୀଳତାରେ ଗଣମାଧ୍ୟମ ଅଗ୍ରଣୀ ଭୂମିକା ନେଇଛି। 'ଭଏସ୍ ଅଫ୍ ଭିକ୍ଟିମ୍ସ' ଏହି ପରମ୍ପରାକୁ ପରିପୁଷ୍ଟ କରିବ ବୋଲି ମୋର ଆଶା ଓ ବିଶ୍ୱାସ। 'ଭଏସ୍ ଅଫ୍ ଭିକ୍ଟିମ୍ସ' ସହ ସମ୍ପୃକ୍ତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଅଭିନନ୍ଦନ ଜଣାଉଛି।

(ରଘୁବର ଦାସ)

ରାଜ୍ୟପାଳ, ଓଡ଼ିଶା

# ଲଢ଼ିବା ଓ ଆଗକୁ ବଢ଼ିବା

ଆମ ଓଡ଼ିଶା ରାଜ୍ୟ ଓ ଓଡ଼ିଆ ଜାତି ଭାରି ବଢ଼ିଆ। ସକଳ ବିଘ୍ନକ୍ରାମକ କଥାକୁ ପଛ କରି ଆମେ ସର୍ବଦା ଆଗକୁ ବଢିବାକୁ ଚେଷ୍ଟା କରିଛୁ। ଆମେ ଅନେଶୋତ ମହାବାତ୍ୟାଠାରୁ ଆରମ୍ଭ କରି ହୁଡ୍‌ହୁଡ୍, ତିତିଲ୍, ଫାଇଲିନ୍, ଫନି ଭଳି ବିପଦର ସମ୍ମୁଖୀନ ହୋଇ ହାରି ନ ଯାଇ ଦମ୍ଭ ଧରି ଆଗକୁ ବଢ଼ି ଚାଲିଛୁ। ବିଗତ ଚାଳିଶି ବର୍ଷ ମଧ୍ୟରେ ଆମେ ଜାନକୀ-ବସନ୍ତ, ବିଜୁ-ବିଜୟ ଓ ନବୀନ-ପ୍ୟାରୀ ସମସ୍ତଙ୍କ ଯୋଡି ଦେଖିସାରିଛୁ ଆଉ ଅନୁଭବିଛୁ ମଧ୍ୟ। ଏବେ ପାଣ୍ଡିଆନ-ଆଉ କ୍ଲାନ୍ତ ନବୀନଙ୍କ ଯୋଡ଼ି ବି ଦେଖୁଛୁ।

ଏ ଜାତି ମହାପ୍ରଭୁ କାଳିଆ ଠାକୁରଙ୍କୁ ଚମଡା ଦଉଡ଼ିରେ କଳାପାହାଡ ଘୋଷାଡି ଘୋଷାଡି ନେବାର ଦେଖିଛି। ଦିନରେ ବ୍ରହ୍ମ ପରିବର୍ତ୍ତନ ସାଙ୍ଗକୁ ବ୍ରହ୍ମ ବିଭ୍ରାଟ ମଧ୍ୟ ଦେଖିସାରିଲାଣି। ଏବେକାର ନୀତିରେ ଧର୍ମୀୟ ସଂସ୍କୃତିକୁ ପୋତି ପ୍ଲାଷ୍ଟିକ ଫୁଲ ସୌନ୍ଦର୍ଯ୍ୟକୁ ଦେଖୁଛି ଏବଂ ସହୁଛି।

ଏ ଜାତି ଗୋପବନ୍ଧୁଙ୍କ ନିସ୍ୱାର୍ଥପରତାକୁ ଦେଖିଛି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ କଠୋରତାକୁ ବି ଦେଖିଛି ଆଉ ଏବେକାର ସ୍ୱାର୍ଥସର୍ବସ୍ୱ ଲୋକମାନଙ୍କୁ ବି ଦେଖୁଛି। ଏ ଜାତି ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ବାଜି ରାଉତ ଓ ରଘୁ-ଦିବାକର ଇତ୍ୟାଦିଙ୍କ ଜାତି ପ୍ରେମକୁ ଦେଖିବା ସଙ୍ଗେସଙ୍ଗେ କିଛି ସ୍ୱାର୍ଥାନ୍ୱେଷୀଙ୍କ କୂଟକପଟ ସ୍ୱଭାବକୁ ମଧ୍ୟ ଅନୁଭବିଛି।

ଆମେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ମନ୍ଦିରମାଳିନୀ ଏକାମ୍ରକ୍ଷେତ୍ରକୁ ଦେଖିଛେ ଆଉ ଏବେକାର ଅଳିଆ ପୁତିଗନ୍ଧମୟ ସବୁଜ ସହର ସ୍ମାର୍ଟ ସିଟି ଭୁବନେଶ୍ୱରକୁ ଦେଖୁଛେ। ଆମେ ଶାନ୍ତିପ୍ରିୟ ଓ ଭାଇଚାରାର ସହର କଟକକୁ ଦେଖିଛେ ଆଉ ଏବେକାର ଅଶାନ୍ତ ଓ ଜାଇକା ଉନ୍ନତି ଆଳରେ ଖାଲଖମାର କଟକ ସହରକୁ ଦେଖୁଛେ। କଥା ଆଉ କାମ ରେ ଅନେକ ଅମେଳ ରଖି କଳୁଷିତ ରାଜନୀତି କରି ଆଦିବାସୀଙ୍କ ଜମି ଅଧିଗ୍ରହଣ ନିୟମକୁ ବି ଦେଖୁଛେ। ଏସବୁ ସତ୍ତ୍ୱେ ଏ ଜାତି ଗର୍ବର ସହିତ ଲଢ଼ିଛି, ଲଢୁଛି ଓ ଆଗକୁ ବଢୁଛି। ଆମେ ଦୃଢ଼ ନିଶ୍ଚିତ ଯେ ଯେତେ ବାଧା ବିଘ୍ନ ଆସୁ ପଛକେ ଆମେ ଦେଖିବା, ଲଢ଼ିବା ଓ ଆଗକୁ ବଢ଼ିବା। ଭଏସ୍ ଅଫ୍ ଭିକ୍ଟିମ୍ସର ଆଭିମୁଖ୍ୟ ମଧ୍ୟ ସମାନ। ଆମେ ଧୀରେ ଧୀରେ ବଳ ଗୋଟାଇ ଆପଣମାନଙ୍କ ଭଲ ପାଇବାକୁ ପାଥେୟ କରି ଆଗକୁ ବଢ଼ିବାକୁ ଚେଷ୍ଟା କରୁଛୁ। ଜୟ ଜଗନ୍ନାଥ ମହାପ୍ରଭୁ।

**(ଜ୍ଞାନ ରଂଜନ ମିଶ୍ର)**
*ସମ୍ପାଦକ, ଭଏସ୍ ଅଫ୍ ଭିକ୍ଟିମ୍ସ*

# ଅର୍ଥନୈତିକ ଅଭିବୃଦ୍ଧିରେ ଧର୍ମୀୟ ପର୍ଯ୍ୟଟନ

ସମ୍ପ୍ରତି ଅନେକ ଐତିହାସିକ ତଥା ଗୁରୁତ୍ୱପୂର୍ଣ୍ଣ ମଠ, ମନ୍ଦିର, ଅନ୍ତର୍ଜାତୀୟ ଏବଂ ଜାତୀୟ ଖ୍ୟାତିସମ୍ପନ୍ନ ଧର୍ମୀୟ ସ୍ଥାନଗୁଡ଼ିକର ପୁନରୁଦ୍ଧାର, ନବୀକରଣ କାର୍ଯ୍ୟ ଆଗେଇ ଚାଲିଛି। ଏଥିଯୋଗୁ ସମ୍ପୃକ୍ତ ସହରଗୁଡ଼ିକରେ ଧାର୍ମୀୟ ଲୋକଙ୍କ ଗତିବିଧି ତଥା ତୀର୍ଥଯାତ୍ରା ବୃଦ୍ଧି ପାଇଛି। ଫଳସ୍ୱରୂପ ପର୍ଯ୍ୟଟନଜନିତ ଅର୍ଥନୈତିକ କାର୍ଯ୍ୟକଳାପର ଅଭିବୃଦ୍ଧି ଘଟିଛି। ଆକଳନ ଅନୁଯାୟୀ ଦେଶର ପର୍ଯ୍ୟଟନ କ୍ଷେତ୍ରରେ ଧର୍ମୀୟ ପର୍ଯ୍ୟଟନର ଅଂଶଧନ ହେଉଛି ୬୦ରୁ ୭୦ପ୍ରତିଶତ। ଭାରତରେ ଧାର୍ମୀୟ ପର୍ଯ୍ୟଟନ ବୃଦ୍ଧି ହେତୁ ପ୍ରତିବର୍ଷ ହୋଟେଲ ଶିଳ୍ପ, ପରିବହନ ଶିଳ୍ପ, କ୍ଷୁଦ୍ର ବ୍ୟବସାୟୀ, ସ୍ଥାନୀୟ କଳାକାର ଓ କାରିଗରମାନେ ବେଶ୍ ଲାଭବାନ ହେଉଛନ୍ତି। ୨୦୨୮ ସୁଦ୍ଧା ଭାରତର ପର୍ଯ୍ୟଟନ କ୍ଷେତ୍ରରେ ପ୍ରାୟ ଏକ କୋଟି ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏପରି ହେଲେ ରୋଜଗାର ଯୋଗାଇବାରେ ଏହି କ୍ଷେତ୍ରର ଏକ ବଡ଼ ଅବଦାନ ରହିବ।

ଜାତୀୟ ନମୁନା ସର୍ବେକ୍ଷଣ ସଂଗଠନର ତଥ୍ୟ ଅନୁଯାୟୀ, ଭାରତରେ ପ୍ରାୟ ପାଞ୍ଚ ଲକ୍ଷ ମନ୍ଦିର ଏବଂ ତୀର୍ଥସ୍ଥଳ ରହିଛି; ଯାହାର ଆର୍ଥିକ ବ୍ୟବସ୍ଥା ତିନି ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ହେବ। ଏଥିସହିତ ଆମ ଦେଶରେ ପାଖାପାଖି ସାତ ଲକ୍ଷ ମସଜିଦ, ୩୫ ହଜାର ଚର୍ଚ୍ଚ ବା ଗୀର୍ଜାଘର, ପ୍ରାୟ ୫ହଜାର ଗୁରୁଦ୍ୱାର ରହିଛି। ଦୁନିଆରେ ବିକଶିତ ଦେଶମାନେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଅନ୍ୟ ଧର୍ମର ଲୋକଙ୍କୁ ଆକର୍ଷିତ କରିବା ପାଇଁ ନିଜ ଦେଶର ଧାର୍ମୀୟ ସ୍ଥଳୀଗୁଡ଼ିକୁ ସୁନ୍ଦର ଭାବରେ ଗଢ଼ି ତୋଳିଛନ୍ତି। କିଛି ବର୍ଷ ପୂର୍ବେ ଭାରତର ମନ୍ଦିରଗୁଡ଼ିକ ପ୍ରତି ନା ସରକାରଙ୍କର ନା ସ୍ଥାନୀୟ କର୍ତ୍ତୃପକ୍ଷଙ୍କର, କାହାର ମଧ୍ୟ ଦୃଷ୍ଟି ନ ଥିଲା! ଦେଶର ଧାର୍ମୀୟ ସ୍ଥଳୀ ଓ ପୀଠଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଅବହେଳିତ ହୋଇରହିଥିଲା। ଏବେ ଏସବୁ ପ୍ରକଳ୍ପ ପାଇଁ ବର୍ତ୍ତମାନ ରାଜ୍ୟ ଓ କେନ୍ଦ୍ର ଦ୍ୱାରା ବହୁ କୋଟି ଟଙ୍କା ଖର୍ଚ୍ଚ ହେଉଛି। ଏହା ନିଶ୍ଚିତ ଯେ, ବିକଶିତ ହେବା ପରେ ଏହି ସ୍ଥାନଗୁଡ଼ିକରେ ପର୍ଯ୍ୟଟନର ସମ୍ଭାବନା ପୂର୍ବାପେକ୍ଷା ବଢ଼ିଯିବ। ଅହମ୍ମଦାବାଦ ନିକଟରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଶାଳକାୟ ପ୍ରତିମୂର୍ତ୍ତି ପ୍ରତିଷ୍ଠା, ବାରାଣସୀ ଠାରେ ଭଗବାନ କାଶୀ ବିଶ୍ୱନାଥ କରିଡର ନିର୍ମାଣ, ସୋମନାଥ ମନ୍ଦିରର ପୁନରୁଦ୍ଧାର, ମା' କାଳୀଙ୍କ ମନ୍ଦିରର ସୌନ୍ଦର୍ଯ୍ୟକରଣ, କେଦାରନାଥ-ବଦ୍ରିନାଥ ଧାମର ନବୀକରଣ ଭଳି କାର୍ଯ୍ୟକ୍ରମ ସମଗ୍ର ବିଶ୍ୱରେ ଏକ ନୂତନ ଭାରତର ଚିତ୍ର ଉପସ୍ଥାପନ କରିବାରେ ସଫଳ ହୋଇଛି।

ଇତିମଧ୍ୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ପୁରୀ, କୋଣାର୍କ, ଧଉଳି, ଲିଙ୍ଗରାଜ, ତାରାତାରିଣୀ, ସମଲେଶ୍ୱରୀ, କଟକଚଣ୍ଡୀ ଓ କାକଟପୁରର ମା'ମଙ୍ଗଳା ଆଦି ମନ୍ଦିରର ପରିକଳ୍ପନା, ରୂପାନ୍ତରଣ ସହ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଆରମ୍ଭ ହୋଇଛି। ଆଧ୍ୟାତ୍ମିକ ଦୃଷ୍ଟିରୁ ତଥା ଆକର୍ଷଣୀୟ ବେଳାଭୂମି ପାଇଁ ପର୍ଯ୍ୟଟନ କ୍ଷେତ୍ରରେ ପୁରୀର ରହିଛି ସ୍ୱତନ୍ତ୍ର ମାନ୍ୟତା! ଚାରି ଧାମରୁ ପୁରୀ ଏକ ଧାମ। ଜଗନ୍ନାଥ ଧାମ ନାମରେ ପୁରୀ କେବଳ ପ୍ରସିଦ୍ଧ ନୁହେଁ, ଏହା ଓଡ଼ିଶାର ପରିଚୟ ମଧ୍ୟ। ଏଠାରେ ରହିଛି ଶଙ୍କରାଚାର୍ଯ୍ୟଙ୍କ ଗୋବର୍ଦ୍ଧନ ପୀଠ। ଏହା ନିଶ୍ଚିତ ଯେ, ଆଇନ ଶୃଙ୍ଖଳା, ପରିମଳ, ବର୍ଷାଜଳ ନିଷ୍କାସନର ସୁବନ୍ଦୋବସ୍ତ ସହ ଏହି ସହରକୁ ସବୁଦିନିଆ ବିମାନ ସେବା ସହ ଯୋଡ଼ି ଦିଆଗଲେ ଦେଶର କୌଣସି ପର୍ଯ୍ୟଟନ ସ୍ଥଳୀ ପୁରୀକୁ ଛୁଇଁପାରିବନି। ସେହିଭଳି କେବଳ ଓଡ଼ିଶାର ହିଁ ନୁହେଁ ଦେଶର ଅନ୍ୟତମ ଶୈବପୀଠ ରୂପେ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିରର ପ୍ରସିଦ୍ଧି ରହିଛି। ରାଜ୍ୟ ସରକାର ଏହାର ପୁନରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଆଗାମୀ ଦିନରେ ଏହା ମଧ୍ୟ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିବ। ଭାରତରେ ନୁହେଁ ପୃଥିବୀରେ ମଧ୍ୟ କୋରାପୁଟର ଗୁପ୍ତେଶ୍ୱର ଶୈବପୀଠ ପରି ସ୍ଥାନ ପାଇବା ନାହିଁ ! ସେହିଭଳି ଆନ୍ଧ୍ରପ୍ରଦେଶର ବୋରା ଗୁମ୍ଫାଠାରୁ କୋରାପୁଟର ବାଲଡାଠାରେ ରହିଥିବା ନାଗେଶ୍ୱରୀ ଗୁମ୍ଫା କାହିଁ କେତେ ଗୁଣରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ! ଭିତ୍ତିଭୂମି ଅଭାବରୁ ଏହା ମଧ୍ୟ ପର୍ଯ୍ୟଟକଙ୍କୁ ଟାଣି ପାରୁନାହିଁ। ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ଏମିତି ଆହୁରି ଅନେକ ସ୍ଥାନ ରହିଛି; ଯେଉଁଠି ଭିତ୍ତିଭୂମି, ରାସ୍ତାଘାଟ, ଗମନାଗମନ, ଯୋଗାଯୋଗ ସହ ଯାତ୍ରୀଙ୍କ ପାଇଁ ସର୍ବନିମ୍ନ ସୁବିଧା ଉପଲବ୍ଧ ହୋଇପାରିନାହିଁ। ଏ ଦିଗରେ ରାଜ୍ୟ ସରକାରଙ୍କ ପଦକ୍ଷେପ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ରୂପେ ଗଢ଼ି ତୋଳିବ।

ଇକ୍ସିଗୋର ତଥ୍ୟ ଅନୁଯାୟୀ ଭାରତରେ ଧର୍ମୀୟ ପର୍ଯ୍ୟଟନର ଧାରା ବୃଦ୍ଧି ପାଇବା ହେତୁ ଅନ୍ୟ ସହର ତୁଳନାରେ ବାରାଣସୀ ଏବଂ ପୁରୀରେ ହୋଟେଲ ବୁକିଂ ଅଧିକ ହେଉଛି। ବାରାଣସୀ ସହରକୁ ପର୍ଯ୍ୟଟକମାନେ କେବଳ ଧାର୍ମିକ ତୀର୍ଥଯାତ୍ରା ପାଇଁ ହିଁ ନୁହେଁ, 'ଯୋଗକେନ୍ଦ୍ର' ଏବଂ 'ଆୟୁର୍ବେଦ ସ୍ପା' ର ଆନନ୍ଦ ନେବାକୁ ଆସିଥାନ୍ତି। ସେହିଭଳି ଶ୍ରୀଜଗନ୍ନାଥଙ୍କ ଦର୍ଶନ, ବିଶ୍ୱପ୍ରସିଦ୍ଧ ଐତିହ୍ୟ କୋଣାର୍କର କୀର୍ତ୍ତିରାଜି, ସାତପଡା, ଚନ୍ଦ୍ରଭାଗା, ପୁରୀ ବେଳାଭୂମିର ସୌନ୍ଦର୍ଯ୍ୟ ଉପଭୋଗ ଉଦ୍ଦେଶ୍ୟରେ ପୁରୀ ଅଞ୍ଚଳକୁ ପର୍ଯ୍ୟଟକଙ୍କ ସୁଅ ରୀତିମତ ଛୁଟୁଛି। ସରକାରଙ୍କ ପ୍ରସାଦ, ସ୍ୱଦେଶୀ ଦର୍ଶନ, ଉଡାଣ ଭଳି କାର୍ଯ୍ୟକ୍ରମ ହେତୁ ଦେଶରେ ଧର୍ମୀୟ ପର୍ଯ୍ୟଟନ ବୃଦ୍ଧି ପାଇଛି। ଏହି କାରଣରୁ ଅନ୍ତର୍ଜାତୀୟ ସ୍ତରର ଖ୍ୟାତିସମ୍ପନ୍ନ ଏକାଧିକ ହୋଟେଲ ସଂସ୍ଥା ଦେଶର ଧର୍ମୀୟ ସ୍ଥାନଗୁଡ଼ିକରେ ନୂତନ ହୋଟେଲ ନିର୍ମାଣ ପାଇଁ ଆଗେଇ ଆସୁଛନ୍ତି।

**-ଇପ୍‌ସିତା ମହାନ୍ତି**

# ବଦଳୁଛି କୃଷି ପରିଭାଷା

ଓଡ଼ିଶା ଏବେ ଅଭିବୃଦ୍ଧିର ଧାରାରେ ଯାଉଥିବା ବେଳେ କୃଷିର କଥାକୁ ଯଦି ଆମେ ଟିକେ ନିରିଖେଇ ଦେଖିବା, ଏହା ସ୍ପଷ୍ଟ ଭାବରେ ବାରିହୋଇ ପଡ଼ିବ ଯେ କୃଷିକୁ ନେଇ ଲୋକଙ୍କର ପରିଭାଷା ବଦଳିଛି। ସମୟ ଥିଲା ଆମେ ଚାଷକୁ ନେଇ ଜିଉଁଥିଲେ। ଚାଷକୁ ନେଇ ବଞ୍ଚିବାର ସ୍ୱପ୍ନ ଦେଖୁଥିଲେ। କିନ୍ତୁ ଶିଳ୍ପଭିତ୍ତିକ ସଭ୍ୟତା ଯେବେ ଚରମ ସୀମା ଆଡ଼କୁ ଗତି କଲା କୃଷି କ୍ଷେତ୍ରରେ ଆସିଲା ବିରାଟ ପରିବର୍ତ୍ତନ। ତଥାପି ଚାଷକୁ ନେଇ ସଂଜ୍ଞା ଏବେ ବଦଳିଛି। ତବେ କଥା ହେଉଛି ଆମେ ଚାଷ କାହିଁକି କରିବା ? ସମାଜରେ କୃଷିର ଆବଶ୍ୟକତା କ'ଣ ? ଚାଷ ବିନା କ'ଣ ଆମେ ବଞ୍ଚିପାରିବାନି ?

ଓଡ଼ିଶାର ମୋଟ ଜନସଂଖ୍ୟାର ୭୬ ପ୍ରତିଶତ ଏବେ କୃଷି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ପାଖାପାଖି ୮୭,୪୬,୦୦୦ ହେକ୍ଟର ଜମିରେ ଚାଷ କାର୍ଯ୍ୟ ହେଉଛି। ଓଡ଼ିଶା କୃଷିର ଏକ ବଡ଼ ହବ୍ ? କହିଲେ ଅତ୍ୟୁକ୍ତି ହେବ ନାହିଁ। ଆମ ରାଜ୍ୟର ଚାଷୀ ଧାନ ସହ ତୈଳବୀଜ, ଅର୍ଥକରୀ ଓ ଡାଲି ଜାତୀୟ ଫସଲ ମଧ୍ୟ ଉପତ୍‌ାଦନ କରି ଏକ ବଡ଼ ଭୂମିକା ନିଭାଉଛନ୍ତି। ଜଳବାୟୁର ଅନିଶ୍ଚିତତା ଓ ଅଦିନିଆ ବର୍ଷାକୁ ପାଥେୟକରି ଓଡ଼ିଶା ୨୦୨୨-୨୩ ମସିହାରେ ୧୩.୬୦୬ ନିୟୁତ ଟନ୍ ଖାଦ୍ୟଶସ୍ୟ ଉପତ୍‌ାଦନ କରିଛି। ଏଇ ତିନିବର୍ଷ ତଳକୁ ଯଦି ଆମେ ଫେରିଯିବା ଯେବେ କରୋନା ଦେଶକୁ ଗ୍ରାସ କରିଥିଲା ସେବେ ଖାଦ୍ୟର ମହତ୍ତ୍ୱକୁ ଆମେ ଉପଲବ୍ଧି କରିପାରିଥିଲେ। ତାଲାବନ୍ଦ ହୋଇ ଘରେ ବସିବା ବେଳେ ଆମେ ସଂକଟକୁ ପାଖରୁ ଅନୁଭବ କରିଥିଲେ। ଏମିତି ଦୁଇବର୍ଷରୁ ଅଧିକ ସମୟ ଯେବେ ଲୋକ ବାହାରକୁ ଚାକିରି କରିବାକୁ ନ ଯାଇ ଘରର ଚାରି କାନ୍ଥ ଭିତରେ ବନ୍ଦ ହୋଇ ରହିଲେ ସେବେ ନିଜ ଗାଁ ମାଟି କଥା ମନରେ ଆସିଲା। ପ୍ରକୃତରେ କ୍ଷେତରେ ଚାଷ କରିବା ଆଉ ମଞ୍ଚ ଉପରେ ଚାଷୀ ବିଷୟରେ କହି ବାହାବା ନେବା ଭିତରେ ଢେର ଫରକ। ଆମେ କାଦୁଅ କ୍ଷେତରେ ଗୋଡ଼ ପଶେଇବାକୁ ଚାହୁଁନାହୁଁ କିନ୍ତୁ ଚାଷୀ ବିଷୟରେ ଅନେକ କଥା କହି ପ୍ରଶଂସା ସାଉଁଟୁଛୁ। ଏହାଦ୍ୱାରା କ'ଣ ପ୍ରକୃତ କ୍ଷେତ୍ରରେ ଚାଷୀର ସମସ୍ୟାକୁ ଜାଣିହେବ ? ନିଜେ ତୃଣମୂଳ ସ୍ତରରୁ ଚାଷୀଙ୍କ ସହ ମିଶିଲେ ହେଁ ସେମାନଙ୍କ ମୌଳିକ ସମସ୍ୟାର ସମାଧାନ କରିହେବ। ଚାଷୀ କେବେ ସହାନୁଭୂତି ଲୋଡେନି କି କାହାର ସାହାଯ୍ୟକୁ ଅପେକ୍ଷା କରେନି।

ଫନୀ ହେଉ କି କରୋନା- ଅନେକ ସମୟରେ ଏହା ଚାଷୀଙ୍କ ପାଇଁ ବାଧକ ହୋଇଥିଲେ ହେଁ ପୁଣି ଥରେ ଚାଷୀ ମୁଣ୍ଡ ଟେକି ଉଠିଛି। ଏ ତ ପାରିବାପଣିଆର ସଂଜ୍ଞାକୁ ବୁଝାଏ। ଚାଷୀ ପାଖରେ ଯାଇ ଦି ପଦ ସହାନୁଭୂତିର ପଦ କହିଦେଇଆସିଲେ ତା'ର ପେଟ ପୂରେ ନାହିଁ। ବରଂ ପ୍ରକୃତ ପକ୍ଷରେ ଚାଷୀ ସହ ଯୋଡ଼ିହୋଇ ତାଙ୍କର ସମସ୍ୟା ଉପରେ ଗୁରୁତ୍ୱ ଦେଇ କାମ କଲେ ହିଁ ଚାଷୀଟି ଖୁସି ହୁଏ। ସେ ତ ପଲଉ ବିରିୟାନୀକୁ ଲୋଭ କରେନି। ପଖାଳ ଶାଗରେ ସେ ମନଭରି ଶାନ୍ତି ଅନୁଭବ କରେ। ସେ ଚଷାଘର ପୁଅ। ଚାଷୀକୁ ଲୋକେ ମଜୁରିଆ କହନ୍ତି। ସେ ହିଁ ରାଷ୍ଟ୍ର ଗଠନର ମଙ୍ଗ ଧରେ। କିନ୍ତୁ ସମୟ ଆସି ଏପରି ସ୍ଥାନରେ ଉପନୀତ ଯେ ଆଉ କୃଷି ବୋଲି ଶବ୍ଦ ପିଲାଙ୍କୁ ପଚାରିଲେ ବି ଏହାର ସଂଜ୍ଞା କହିପାରିବେନି। କାରଣ ସବୁ ତ ଏବେ ପାଠପଢ଼ା ପରେ ଚାକିରି ନିଶାରେ ଘୁରିବୁଲିଲେ। ଆଉ ଶେଷରେ କିଛି ନ ହେଲେ ବାହାର ରାଜ୍ୟରେ ଦାଦନ ଖଟିବା ଥୟ। ଏଇଟା ତ ନିରାଟ ସତ କଥା। ଆପଣ ଦେଖିଥିବେ ସେ ସମୟରେ ଚାଷୀ କେବେ ବସିନି। ଚାଷୀ ଚାଷର କଥା କହିବାକୁ କେବେ ବନ୍ଦ କରିନି। କର୍ମମୟ ଜୀବନରେ ନା ଥକାପଣକୁ ଚାଷୀ କେବେ ଅନୁଭବ କରିନି। କାରଣ ସେ ମାଟିର ସନ୍ତାନ। ମାଟି ପାଇଁ କାମ କରିବାକୁ ସଂକଳ୍ପ ନେଇ ଚାଷୀ ଦେଶର ଅର୍ଥନୀତିକୁ ବିକାଶ ଆଡ଼କୁ ନିଏ। ସାରଥି ସାଜି ସେ ରାଜ୍ୟ ତଥା ଦେଶର ପ୍ରଗତିରେ ମୁଖ୍ୟ ଭୂମିକା ନିଭାଏ।

ଚାକିରିର ନିଶାରେ ଏବେ ସମସ୍ତେ ମତୁଆଲା। ସେଥିପାଇଁ ଆଜି ଚାଷ ଜମି ସବୁ ପଡ଼ିଆ ହୋଇ ପଡୁଛି। ସବୁଜିମା ନାହିଁ ବରଂ କଳକାରଖାନାର ଦୂଷିତ ଆବରଣରେ ବନ୍ଧା ହୋଇପଡ଼ିଛି। ପରିବେଶ ସନ୍ତୁଳନ ଠିକ୍ ? ଭାବେ ରହୁନାହିଁ। ଆଉ ଯେତିକି ବି ଚାଷ ଜମି ରହିଲା ସେସବୁ ରାସାୟନିକ ବିଷ ସାରରେ ଭରପୂର। ଆଜିର ଯୁବଗୋଷ୍ଠୀ ଚାଷ ପାଇଁ ବିମୁଖ। କ୍ଷେତକାମ ପାଇଁ ଆଉ ଆଗପରି ଆଗ୍ରହ ସୃଷ୍ଟି ହେଉନାହିଁ। କିନ୍ତୁ ଆଜି ବି ଚାଷ ଜମିରେ ନୂଆ ପଦ୍ଧତିରେ ଚାଷକରି ଲକ୍ଷଲକ୍ଷ ଟଙ୍କା କମେଇହେଉଛି। କେବଳ ଟଙ୍କା ନୁହେଁ ବରଂ ପରିବେଶ ସୁସ୍ଥ ରହିବା ସହ ମନ ବି ପ୍ରଫୁଲ୍ଲ ରହେ। ଏବେ ବି ଯୁବଗୋଷ୍ଠୀ ଜୈବିକ ଉପାୟରେ ଚାଷ କରି ଅନେକ ଟଙ୍କା ରୋଜଗାର କରୁଛନ୍ତି। ହାଇଡ୍ରୋପନିକ୍ସ, ସମନ୍ୱିତ ଚାଷ ପଦ୍ଧତି, ଜୈବିକ ଚାଷ ପରି ବିଭିନ୍ନ ପ୍ରଣାଳୀକୁ ଆପଣେଇ ଆଜିର ଯୁଗରେ ବେଶ୍ ନାଁ ଅର୍ଜନ କରିପାରିଛନ୍ତି।

ସାଧାରଣତଃ ଆମେ ମାଟିରେ ଗଛ ବଢୁଥିବା ଦେଖିଛେ, କିନ୍ତୁ ହାଇଡ୍ରୋପୋନିକ୍ସ ସେ ସବୁରୁ ଟିକିଏ ଭିନ୍ନ। କୃଷି କ୍ଷେତ୍ରରେ ଏହା ଏକ ଆଧୁନିକୀକରଣ ପଦ୍ଧତି। ବିନା ମୃତ୍ତିକା ସାହାଯ୍ୟରେ ଗଛକୁ ବଢ଼ାଇବା ପଦ୍ଧତିକୁ ହାଇଡ୍ରୋପୋନିକ୍ସ କୁହାଯାଏ। ଶୁଣିବାକୁ ଟିକେ ଆଶ୍ଚର୍ଯ୍ୟ ଲାଗୁଥିଲେ ହେଁ ସତ। ଏହି ପ୍ରଣାଳୀରେ କେବଳ ପାଣିରେ ଗଛ ବଢ଼ିପାରିବ। ମୋଟ ଉପରେ କହିବାକୁ ଗଲେ ମୃତ୍ତିକାର ବିନା ସାହାଯ୍ୟରେ ପାଣିରେ ସମସ୍ତ ଆବଶ୍ୟକ ପୋଷକ ପଦାର୍ଥ ମିଶାଇ ଯେ କୌଣସି ଗଛ ବଢ଼ାଇବାକୁ ହାଇଡ୍ରୋପୋନିକ୍ସ କୁହାଯାଏ। ମୁଖ୍ୟ ଉପକାରିତା ମଧ୍ୟରେ ହାଇଡ୍ରୋପୋନିକ୍ସ ଦ୍ୱାରା ବର୍ଷର ଯେ କୌଣସି ସମୟରେ ମଧ୍ୟ ଫସଲ ଚାଷ ଏବଂ ଅମଳ କରାଯାଇ ଖାଦ୍ୟ ସମସ୍ୟାକୁ ଦୂର କରାଯାଇପାରିବ। ଏହି ଉପାୟରେ ୯୦ ପ୍ରତିଶତ ଜଳ ସଂରକ୍ଷଣ ହୋଇପାରିବ। ସ୍ୱଳ୍ପ ସ୍ଥାନ ଏବଂ ଖୁବ କମ୍ ସମୟରେ ଅଧିକ ଫସଲ ଅମଳ କରାଯାଇପାରିବ। ଏହାଦ୍ୱାରା ଜୈବିକ ଫସଲ ଉପତ୍‌ାଦନ ହେବ। ପରିବାରର ପାକଶାଳା ପାଇଁ ଏହା ଏକ ବରଦାନ ସଦୃଶ, ଯାହାକି ସମସ୍ତ ପନିପରିବାର ଚାହିଦା ପୂରଣ କରିପାରିବ।

ଏହାରି ଭିତରେ ଆସେ ସମନ୍ୱିତ ଚାଷର କଥା। ଏହା ହେଉଛି ଏକ ପ୍ରକାରର ମିଶ୍ରିତ ଚାଷ। ଏହି ପଦ୍ଧତିରେ ସମସ୍ତ ପ୍ରକାର ଚାଷର ମିଶ୍ରଣରେ ଏକ ସନ୍ତୁଳିତ ପରିବେଶ ସୃଷ୍ଟି କରାଯାଇପାରିବ। ସମନ୍ୱିତ ଚାଷର ମୌଳିକ ତଥ୍ୟ ହେଉଛି ଏକ ସୀମିତ ଜାଗାରେ ସମସ୍ତ ପ୍ରକାର ଚାଷ, ଯେଉଁଭଳି ଗୋଟିଏ ଚାଷର ଅତିରିକ୍ତ ଉପାଦାନ ଅନ୍ୟ ଏକ ଚାଷର ମୁଖ୍ୟ ଉତ୍ପାଦନ ଭାବରେ ବ୍ୟବହାର କରାଯାଇ ପାରିବ। ବିଭିନ୍ନ ପ୍ରକାର ଫସଲ ଉତ୍ପାଦନ ସହିତ ନିୟମିତ ଭାବରେ ରୋଜଗାର ପ୍ରଦାନ ଓ ଅର୍ଥ ଉପାର୍ଜନ କରିହେବ। ସମନ୍ୱିତ ଚାଷ ପଦ୍ଧତି ଦ୍ୱାରା କ୍ଷୁଦ୍ର ବା ମଧ୍ୟମ ଧରଣର ଚାଷୀଙ୍କ ରୋଜଗାର ବୃଦ୍ଧି ପାଇଥାଏ। ଅଳ୍ପ ବିନିଯୋଗରେ ପ୍ରତିବର୍ଷ ଲାଭ ବଢ଼ିଥାଏ। ଏହା ସହିତ ପରିବେଶ ସୁରକ୍ଷା ମଧ୍ୟ ହୋଇଥାଏ। ଏସବୁ କେତେକ ଉଦାହରଣ ମାତ୍ର। ଜଣେ ଯୁବ ଉଦ୍ୟୋଗୀ କୃଷିକୁ ନେଇ ଅନେକ ଆଗକୁ ଯାଇପାରିବ, ଏଥିରେ ସନ୍ଦେହ ନାହିଁ।

ଆମେ ଚାଷ କରିବି ଟଙ୍କା ରୋଜଗାର କରିପାରିବା। ଚାଷ ଆମକୁ ଉଦ୍ୟୋଗୀ ବନାଇପାରେ। ଏ ଉଦ୍ୟୋଗ ଆମକୁ ରୋଜଗାର ଦେବା ସହ ଅନ୍ୟମାନଙ୍କୁ କର୍ମସଂସ୍ଥାନ ଯୋଗାଇପାରେ। ତେବେ ଏଥିପାଇଁ ଇଚ୍ଛାଶକ୍ତିର ଗୁରୁତ୍ୱ ଅନେକ। ଜଣେ ଯଦି ସ୍ୱଇଚ୍ଛାରେ ଏସବୁ କରିବାକୁ ଆଗ୍ରହ କରିବ, ତେବେ ଏଥିରୁ ସୁଫଳ ମିଳିବାଟା ଥୟ। ଏଥିରେ ଦ୍ୱିମତ ନାହିଁ। ସୁତରାଂ ଆଉ ଅନାଦର ନୁହେଁ ବରଂ ଏହାକୁ ସୁଦୂରପ୍ରସାରୀ କରିବା ଦିଗରେ କାର୍ଯ୍ୟକରିବା।

**-ଡି ଶୁଭମ୍**

# ମରଣଯନ୍ତା ପାଲଟିଛି ମୁଖ୍ୟ ପ୍ରବେଶ ପଥ



ପୁରୀ ସହର ମୁଖ୍ୟ ପ୍ରବେଶ ପଥ ରେ ପ୍ରାୟ ୧ଫୁଟ ଗଭୀର, ୨ ରୁ ୩ ଫୁଟ ଓସାର ଏବଂ ୩୦ ଫୁଟ ଲମ୍ବର ଘାଇ। ଛୁଟୁଛି ନଳା ପାଣିର ସୁଅ। ସ୍କୁଲ ପିଲାଙ୍କ ଠାରୁ ଆରମ୍ଭ କରି ସାଧାରଣ ଜନତା ଏବଂ ତୀର୍ଥଯାତ୍ରୀ ଙ୍କ ଦୁର୍ଦ୍ଦଶା କହିଲେ ନସରେ। ପ୍ରତିଦିନ ଘଟୁଛି କିଛି ନା କିଛି ଛୋଟବଡ ଦୁର୍ଘଟଣା। ଦୀର୍ଘଦିନ ଧରି ଏପରି ଅବ୍ୟବସ୍ଥା ଲାଗି ରହିଥିଲେ ମଧ୍ୟ, ରାଜରାସ୍ତା କତୃପକ୍ଷ କି ମ୍ୟୁନିସିପାଲିଟି କତୃପକ୍ଷ ଙ୍କ ଦୃଷ୍ଟି ପଡୁନି ଲୋକଙ୍କ ଦୁର୍ଦ୍ଦଶା ଉପରେ।

ବିବରଣୀରୁ ପ୍ରକାଶ ଯେ, ପୁରୀ ସହରକୁ ଆଇକନ ସିଟି ରେ ପରିଣତ କରିବା ପାଇଁ କୋଟି କୋଟି ଟଙ୍କାର ବ୍ୟୟ ବରାଦ କରାଯାଉଛି। ଭକ୍ତ ତଥା ତୀର୍ଥଯାତ୍ରୀ ଙ୍କ ସୁବିଧା ନିମନ୍ତେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଠାରୁ ଆରମ୍ଭ କରି ଶ୍ରୀ ସେତୁ ନିର୍ମାଣ, ମାର୍କେଟ କମ୍ପ୍ଲେକ୍ସ, ବିଭିନ୍ନ ରାସ୍ତାଘାଟର ଉନ୍ନତି କରଣ ସହିତ ବଡ଼ଦାଣ୍ଡରେ ଭକ୍ତଙ୍କ ଲାଗି ଶୀତତାପ ନିୟନ୍ତ୍ରିତ କରିଡର ନିର୍ମାଣ କରିବାରେ ପ୍ରଶାସନ ଲାଗି ପଡିଥିବା ବେଳେ, ପୁରୀ ସହରର ତାଳବଣିଆ ପାର୍କିଙ୍ଗ ସ୍ଥଳ/ ବସଷ୍ଟାଣ୍ଡ କୁ ତାଳ ବଣିଆ ଛକ ରୁ ସଂଯୋଗ କରୁଥିବା ପୁରୀ ସହରର ଅନ୍ୟତମ ମୁଖ୍ୟ ପ୍ରବେଶ ପଥ ଯାତ୍ରୀ ଙ୍କ ପାଇଁ ପାଲଟିଛି ମରଣଯନ୍ତା। ଏହି ରାସ୍ତା ଦେଇ ପ୍ରତିଦିନ ପୁରୀ ସହର ଭିତରକୁ ହଜାର ହଜାର ଗାଡି ମୋଟର ଯା'ଆସ କରିଥାନ୍ତି। ମାଟିଆପଡ଼ା ପଟେ ରେଲୱେ ଓଭରବ୍ରିଜ କାମ ଚାଲି ରାସ୍ତା ଜାମ ହେଉ ଥିବାରୁ ଏହି ରାସ୍ତା ଦେଇ ଗାଡି ମୋଟର ଚଳାଚଳ ଆଗ ଅପେକ୍ଷା ବହୁତ ବଢ଼ି ଯାଇଛି। ଏହି ରାସ୍ତା ଦେଇ ପାଦଚଲା ଯାତ୍ରୀଙ୍କ ସମେତ ସ୍କୁଲ ପିଲାଙ୍କ ଯା'ଆସ ସବୁବେଳେ ଲାଗି ରହିଥାଏ। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ ପ୍ରାୟ ୧ବର୍ଷରୁ ଅଧିକ ସମୟ ହେବ ଉକ୍ତ ରାସ୍ତାର ବିନୋବା ନଗର ଠାରେ ରାସ୍ତା ଉପରେ ନଳା ପାଣିର ସୁଅ ଛୁଟି ରାସ୍ତାରେ ନଳାପାଣି ଜମି ରହିବା ସହିତ ପୁତିଗନ୍ଧମୟ ପରିବେଶ ସୃଷ୍ଟି କରି ଆସୁଥିଲା। ଦୀର୍ଘ ଦୀନ ଧରି ଏପରି ଅବସ୍ଥା ଲାଗି ରହିବା ଫଳରେ ଏବେ ପାଖାପାଖି ୬ ମାସ ହେବ ସେଠାରେ ପ୍ରାୟ ୧ ଫୁଟ ଗଭୀର, ୨ ରୁ ୩ ଫୁଟ ଚଉଡା ଏବଂ ୩୦ ଫୁଟ ଲମ୍ବର ଏକ ବିରାଟ ଘାଇ ସୃଷ୍ଟି ହୋଇଛି। ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟେକ ଦିନ କିଛି ନା କିଛି ଦୁର୍ଘଟଣା ଘଟୁଛି। ଅଟୋ ଏବଂ ୪ ଚକିଆ ଗାଡି ଚକା ଦବିଯାଇ ଗାଡି ଗୁଡିକ କ୍ଷତିଗ୍ରସ୍ତ ହେଉଛନ୍ତି। ପାଦଚଲା ଯାତ୍ରୀଙ୍କ ଉପରେ ନଳାପାଣି ଛିଟିକି ଅପ୍ରିତିକର ପରିସ୍ଥିତି ସୃଷ୍ଟି କରୁଛି। ସ୍କୁଲ ପିଲାଙ୍କ ଉପରେ ନଳା ପାଣି ଛିଟିକି ପିଲାମାନେ ସଂପୂର୍ଣ୍ଣ ଓଦା ହୋଇ ଆଉ ସ୍କୁଲ ନଯାଇ ଘରକୁ ଫେରିଥିବାର ବହୁତ ନଜିର ରହିଛି। ଆଖ ପାଖ ପରିବେଶ ଦୁର୍ଗନ୍ଧରେ ରହି ହେଉନି।



ଉକ୍ତ ସ୍ଥାନଟି ପୁରୀ ମ୍ୟୁନିସିପାଲିଟି ର ୩୧ ନମ୍ବର ୱାର୍ଡ ଅନ୍ତର୍ଗତ ଅଟେ। ଉକ୍ତ ୱାର୍ଡର କେତେକ ବୁଦ୍ଧିଜିବୀ ବାସିନ୍ଦା ଙ୍କ କହିବା ଅନୁସାରେ ମ୍ୟୁନିସିପାଲିଟି କତୃପକ୍ଷଙ୍କ ଦୂରଦୃଷ୍ଟି ର ଅଭାବ ତଥା ଅପରିଣାମ ଦର୍ଶିତା କାର୍ଯ୍ୟର ଫଳ ସ୍ୱରୂପ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଯହାର ପରିଣାମ ସହରବାସି ତଥା ସାଧାରଣ ଯାତ୍ରୀ ଭୋଗୁଛନ୍ତି। ନଳାପାଣି ସହରରୁ ବାହାରକୁ ନିଷ୍କାସନ ନିମନ୍ତେ ମୁଖ୍ୟ ଡ୍ରେନେଜ ସିଷ୍ଟମ ନକରି ବସ୍ତି ଗୁଡିକ ଭିତରେ ନଳା ତିଆରି କରିଦେବା ଦ୍ୱାରା ସାହିବସ୍ତିର ଲୋକମାନେ ନିଜ ନିଜ ଘରର ବର୍ଜ୍ୟବସ୍ତୁ ପାଣି ନଳା ମଧ୍ୟକୁ ଛାଡି ଦେଉଛନ୍ତି। ଫଳରେ ସାହିବସ୍ତି ମାନଙ୍କରୁ ନିର୍ଗତ ନଳାପାଣି ପାଇଁ ମୁଖ୍ୟ ଡ୍ରେନେଜ୍ ସିଷ୍ଟମ ନଥିବାରୁ ସେଗୁଡିକ ବାଧ ହୋଇ ମୁଖ୍ୟ ରାସ୍ତାକୁ ଚାଲି ଆସୁଛି। ନଳା ଗୁଡ଼ିକରେ ପାଣି ଜମି ରହିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇ ମଶା ମାଛିଙ୍କର ପ୍ରାଦୁର୍ଭାବ ବଢୁଛି। ବାରମ୍ବାର ଅଭିଯୋଗ କଲେ ମଧ କତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ତେଣୁ ଲୋକଙ୍କ ମଧରେ ଅସୋନ୍ତଷ ବଢ଼ିବାରେ ଲାଗିଛି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଅନ୍ୟ କାମରେ ଲାଗୁଛି ବିଦ୍ୟୁତ ତାର

କଟକ: କଟକ ସହର ସାରା ତାରମୟ। ବିଦ୍ୟୁତ ତାର ବିଭିନ୍ନ ସ୍ଥାନକୁ ସମ୍ପ୍ରସାରିତ କରିବା ପାଇଁ ପ୍ରତି ଅଳ୍ପ ଦୂରରେ ପୋତା ହୋଇଛି ବିଦ୍ୟୁତ ଖୁଣ୍ଟ। ମାତ୍ର ଏ ସବୁ ବିଦ୍ୟୁତ୍ ପାଇଁ କମ୍ ଅନ୍ୟ ତାର ପାଇଁ ବେଶୀ କାମ କରୁଛି। ସମସ୍ତଙ୍କ ଧାରଣା ହେଉଛି ଏଥିଯୋଗୁ ଟାଟା କମ୍ପାନୀ ନିଶ୍ଚୟ ଭଲ ଭଡ଼ା ପାଉଥିବ।

ସହରରେ ପୋତା ଯାଇଥିବା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକରେ ଏୟାରଟେଲ୍, ଜିଓ ଭଳି ସଂସ୍ଥାର ୱାଇଫାଇ ସଂଯୋଗ ପାଇଁ ତାର, କେବୁଲ୍ ଟିଭି, ବିଭିନ୍ନ ସଂସ୍ଥାର ଇଣ୍ଟରନେଟ୍ ବ୍ରୋଡ଼ ବ୍ୟାଣ୍ଡ୍ କନେକ୍ସନ୍ ପାଇଁ କେବୁଲ୍ ସବୁ ଏହି ଖୁଣ୍ଟ ଦ୍ୱାରା ସାରା ସହରରେ ଖେଳେଇ ହୋଇ ରହିଛି। ତାର କେବଳ ଖୁଣ୍ଟ ଦ୍ୱାରା ସମ୍ପ୍ରସାରିତ ହୋଇଥିଲେ ଏତେ ଚିନ୍ତା କରିବାର ଆବଶ୍ୟକତା ନ ଥାଆନ୍ତା। ମାତ୍ର ସେହି ତାର ସବୁ ଅନେକ ସ୍ଥାନରେ ଏତେ ତଳେ ରହିଛି ଯେ ଗୋଟିଏ ଉଚ୍ଚ ଟ୍ରକ ସେହି ରାସ୍ତାରେ ଗଲେ କେତେକ କଟିଯାଇ ଓହଳି ରହୁଛି। ରାସ୍ତାରେ ଯାଉଥିବା ଲୋକଙ୍କ ସଂସ୍ପର୍ଶରେ ଆସିବାର ଭୟ ରହିଛି। ଏଥିଯୋଗୁଁ ଧନଜୀବନ ବିପନ୍ନ ହେବାର ଆଶଙ୍କା ମଧ ଦେଖାଦେଇଛି। ଯଦି ସେଭଳି କିଛି ଦୁର୍ଘଟଣା ଘଟେ ସେଥିପାଇଁ କିଏ ଦାୟୀ ରହିବ ବୋଲି ବିଭିନ୍ନ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସବୁ ଦୃଶ୍ୟ ସବୁଦିନିଆ ହୋଇଥିବାବେଳେ ସ୍ଥାନୀୟ ପ୍ରଶାସନ, କଟକ ମହାନଗର କର୍ତ୍ତୃପକ୍ଷ ନିରବତା ଅବଲମ୍ବନ କରିଚାଲିଛି।





# ବିଏମ୍‌ସି ହସ୍ପିଟାଲରେ ଡାକ୍ତର ଅଭାବ

- ଅପରାହ୍ନରେ ବନ୍ଦ ରହୁଛି
- ହୃଦ୍‌ରୋଗ କୋଠାରେ ଚାଲିଛି ବର୍ହିବିଭାଗ




ଭୁବନେଶ୍ୱର: ରାଜଧାନୀର ସର୍ବପୁରାତନ ବିଏମସି ଡାକ୍ତରଖାନାକୁ ଉପେକ୍ଷା କରାଯାଉଛି । ବର୍ଷ ବର୍ଷ ଧରି ବାହ୍ୟ ଠିକାକର୍ମଚାରୀଙ୍କୁ ନେଇ ଏହି ଡାକ୍ତରଖାନା ଚାଲିଛି । ଫାର୍ମାସିଷ୍ଟ, ଲାବରେଟୋରୀ ଟେକ୍ନିସିଆନ, ରେଡିଓଗ୍ରାଫର, ଷ୍ଟାଫନର୍ସ, ଆଟେଣ୍ଡାଣ୍ଟ ଆଦି ପଦ ଠିକାସଂସ୍ଥା ପୂରଣ କରୁଛି । ୫୧ କର୍ମଚାରୀ ବାହ୍ୟ ଠିକାରେ କାର୍ଯ୍ୟ କରୁଛନ୍ତି । ଫଳରେ ଡାକ୍ତରଖାନାରେ ଉନ୍ନତମାନର ଚିକିତ୍ସା ସେବା ମିଳିପାରୁ ନାହିଁ ବୋଲି ଅଭିଯୋଗ ହୋଇଛି । ହସ୍ପିଟାଲରେ ଆବଶ୍ୟକ ମୁତାବ ଡାକ୍ତରଙ୍କ ସମେତ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବା ନେଇ ପ୍ରତ୍ୟେକ ମାସେର ସେବା ପ୍ରତିନିଧି ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି । କିନ୍ତୁ ଏଯାବତଏନେଇ କୌଣସି ସୁଫଳ ମିଳିପାରିନାହିଁ ।

ହସ୍ପିଟାଲ ୨୪ଘଣ୍ଟା ଖୋଲାଯାଉଛି ସତ ହେଲେ ଅଭିଜ୍ଞ ଡାକ୍ତର ନାହାନ୍ତି । ତେଣୁ ଗୁରୁତର ରୋଗୀମାନେ ହସ୍ପିଟାଲକୁ ଆସିବାକୁ ଭୟ କରୁଛନ୍ତି । ଅନ୍ୟପକ୍ଷରେ ଏହି ହସ୍ପିଟାଲକୁ ଉପଜିଲ୍ଲା ଡାକ୍ତରଖାନା (ଏସଡିଏଚ) ମାନ୍ୟତା ପ୍ରଦାନ କରାଯିବା ନିଷ୍ପତ୍ତି ସଫଳ ହୋଇପାରିଲା ନାହିଁ । ଫଳରେ ଭିତ୍ତିଭୂମି ସଜଡାଯାଇପାରୁନାହିଁ । ଏଠାରେ ଶଲ୍ୟ, ଭୋଷଜ, ଓ ପ୍ରସୂତି ୱାର୍ଡରେ ରୋଗୀସେବା ଚାଲିଥିବାବେଳେ ଅସ୍ଥିଶଲ୍ୟ, ଦନ୍ତ, ଚକ୍ଷୁ, ନଶ୍ଚେତକ, ଇଏନଟି, ଶିଶୁବିଭାଗ, ଫିଜିଓଥେରାପି ଓ ନିଦାନ ବିଭାଗରେ କେବଳ ଓପିଡି ସେବା ଚାଲିଛି । ସକାଳ ୯ଟାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଓପିଡି ଖୋଲା ରହୁଛି । ସଂଧ୍ୟା ସମୟରେ ଓପିଡ଼ି ବନ୍ଦ ରହୁଛି । କାରଣ ଏଠାରେ ଆବଶ୍ୟକ ମୁତାବକ ଡାକ୍ତର ନାହାନ୍ତି ।

ବିଏମସି ହସ୍ପିଟାଲରେ ହୃଦରୋଗ ବିଭାଗ ପାଇଁ ସ୍ୱତନ୍ତ୍ର କୋଠା ନିର୍ମାଣ କରାଯାଇଛି । କିନ୍ତୁ ହୃଦରୋଗ ଚିକିତ୍ସା ଭିତ୍ତିଭୂମି ଦିଗରେ ଗୁରୁତ୍ୱ ଦିଆଯାଉନଥିବା ଅଭିଯୋଗ ହୋଇଛି । ହୃଦରୋଗ କୋଠାରେ ଏବେ ବର୍ହିବିଭାଗ ଚିକିତ୍ସା ଚାଲିଛି । ସୂଚନାଯୋଗ୍ୟ ୨୦୧୭ରେ ବିଏମସି ହସ୍ପିଟାଲକୁ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟମିଶନ ଅଧିନକୁ ଟେକି ଦିଆଯାଇଥିଲା । ସେବେଠାରୁ ଏହା ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଲାଭ କରିଛି । ଏହା ପୂର୍ବରୁ ଡାକ୍ତରଖାନାରେ ଅନେକ ବିଭାଗ ଖୋଲାଯାଇଥିଲେ ମଧ ଡାକ୍ତର ଅଭାବ ଯୋଗୁଁ ସେଗୁଡ଼ିକ ବନ୍ଦ କରିଦିଆଯାଇଛି ।




# ବିଏମ୍‌ସିରେ ଅବ୍ୟବସ୍ଥିତ ବର୍ଜ୍ୟବସ୍ତୁ ପରିଚାଳନା



ଭୁବନେଶ୍ୱର: ରାଜ୍ୟର ମୁଖଶାଳା କୁହାଯାଉଥିବା ରାଜଧାନୀ ଭୁବନେଶ୍ୱର ମହାନଗରର ଅବ୍ୟବସ୍ଥିତ ବର୍ଜ୍ୟବସ୍ତୁ ପରିଚାଳନା ସହରବାସୀଙ୍କ ପାଇଁ ଅଭିଶାପ ପାଲଟିଗଲାଣି । ଗତ କିଛି ମାସ ହେବ ସୈନିକ ସ୍କୁଲ ନିକଟସ୍ଥ ଡମ୍ପିଂୟାର୍ଡ(ଟିଟିଏସ୍)ରୁ ବାହାରୁଥିବା ଦୁର୍ଗନ୍ଧ ସାରା ସହରକୁ ଅସ୍ତବ୍ୟସ୍ତ କରୁଛି । ପଚାଶଢ଼ା ଗନ୍ଧରେ ନାକ ଫାଟିପଡୁଛି । ଅଦୂରଦର୍ଶୀ ବର୍ଜ୍ୟବସ୍ତୁ ପରିଚାଳନାର ଦୁର୍ଦ୍ଦଶା ଭୋଗୁଛନ୍ତି ସହରବାସୀ । ସହରରୁ ଦୈନିକ ବାହାରୁଥିବା ଶହ ଶହ ଟନ୍ ପଚାଶଢ଼ା ଆବର୍ଜନା ସହରର ମଧ୍ୟସ୍ଥଳ ସୈନିକ ସ୍କୁଲ ଡମ୍ପିଂୟାର୍ଡରେ ପାହାଡ଼ ଭଳି ଗଦାହୋଇ ରହୁଛି । ବର୍ଷା ହେବା ମାତ୍ରେ ପରିସ୍ଥିତି ଅସମ୍ଭାଳ ହେଉଛି । ରାତି ପାହିବା ମାତ୍ରେ ଡମ୍ପିଂୟାର୍ଡରେ ଶହ ଶହ ଅଳିଆବୁହା ଗାଡ଼ି ଲାଗିଯାଉଛି । ତେବେ ଏହାର ସମାଧାନକୁ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ପୌର ପ୍ରଶାସନ ଏକପ୍ରକାର ବାଟବଣା ହୋଇଛନ୍ତି । ଗତ ୬ମାସ ହେଲା ଏଭଳି ସମସ୍ୟା ଲାଗି ରହିଥିଲେ ସୁଦ୍ଧା ଏହାର ସମାଧାନ କିପରି ହେବ, ତା'ର ଉତ୍ତର କାହା ପାଖରେ ନାହିଁ । ମେୟର, କମିଶନର, ବିଭିନ୍ନ ଦଳର ରାଜନେତା କ୍ଷେତ୍ର ପରିଦର୍ଶନ କରି ଚାଲିଯାଉଛନ୍ତି । ଦିନକୁ ଦିନ ବର୍ଜ୍ୟ ଗନ୍ଧ ଉତ୍କଟ ହେଉଛି ।

ରାଜ୍ୟ ରାଜଧାନୀର କଳେବର ବୃଦ୍ଧିକୁ ଦେଖି ୧୯୪୯ ଅଗଷ୍ଟ ୧୯ରୁ କଟକରୁ ଭୁବନେଶ୍ୱରକୁ ରାଜଧାନୀ ସ୍ଥାନାନ୍ତର କରାଯାଇଥିଲା । ଏହି ସହରକୁ ଅତ୍ୟାଧୁନିକ ଓ ସୁନ୍ଦର ସ୍ୱାସ୍ଥ୍ୟକର ସହର ପରିକଳ୍ପନା କରି ୧୯୪୬ରେ ଜର୍ମାନ୍ ଆର୍କିଟେକ୍ଟ ଓଟୋ କୋନିସ୍‌ବର୍ଗ ଏହାର ରୂପରେଖ ପ୍ରସ୍ତୁତ କରିଥିଲେ । ଇତିହାସ କହେ ୩ ହଜାର ବର୍ଷ ତଳେ ଏହା ମନ୍ଦିରମାଳିନୀ କଳିଙ୍ଗ ସାମ୍ରାଜ୍ୟ ଭାବେ ପରିଚିତ ଥିଲା । ଭୁବନେଶ୍ୱର ମ୍ୟୁନିସିପାଲିଟିରୁ ଏହା ୧୯୯୪ ଅଗଷ୍ଟ ୧୪ରେ ମହାନଗର ନିଗମରେ ପରିଣତ ହୋଇଛି । ଇତିମଧ୍ୟରେ ୪୫ ୱାର୍ଡରୁ ୬୭ ୱାର୍ଡକୁ ବୃଦ୍ଧି ପାଇଛି । ଜନସଂଖ୍ୟା ମଧ ୧ଲକ୍ଷରୁ ୧୫ ଲକ୍ଷକୁ ବୃଦ୍ଧି ପାଇଛି । ବିଭିନ୍ନ ଦିଗକୁ ସହରର କଳେବର ବିସ୍ତାରିତ ହେବାରେ ଲାଗିଛି । ସହରରୁ ଦୈନିକ ବାହାରୁଥିବା ୩୦୦ଟନ୍ ଆବର୍ଜନା ଏବେ ୮୦୦ ଟନ୍ ?କୁ ବୃଦ୍ଧି ପାଇଲାଣି । ୨୦୨୩ ମେ' ୧୫ ତାରିଖରୁ ଭୁଆସୁଣୀ ଡମ୍ପିଂୟାର୍ଡ ବନ୍ଦ ହେବା ପରେ ସୈନିକ ସ୍କୁଲ ଡମ୍ପିଂୟାର୍ଡ ଏକମାତ୍ର ଭରସା । ସହରରୁ ଦୈନିକ ୮୦୦ ଟନ୍ ଅଳିଆ ଏହି ଡମ୍ପିଂୟାର୍ଡରେ ଗଦା ହେଉଛି । ଗତ ୬ମାସ ମଧ୍ୟରେ ସୈନିକ ସ୍କୁଲ ଡମ୍ପିଂୟାର୍ଡରେ ପ୍ରାୟ ୧ ଲକ୍ଷ ୫ ଟନ୍ ବର୍ଜ୍ୟବସ୍ତୁ ଗଦାହେଲାଣି । ସହର ସାରା ଅଳିଆ ଏଠାକୁ ଆସି ମାସାଧିକ ସମୟ ଧରି ପର୍ବତ ଆକାରରେ ଗଦାହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ଅଳିଆ ଚାପ କମାଇବାକୁ ସହରର ବିଭିନ୍ନ ସ୍ଥାନରେ ୪୩ଟି ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର(ଏମ୍‌ସିସି) କରାଯାଇଛି । ସେଥିରୁ ଅଧିକାଂଶ ଅଚଳ ହୋଇପଡ଼ିଛି । ବର୍ଜ୍ୟବସ୍ତୁର ସୁପରିଚାଳନାକୁ ନେଇ କୌଣସି ଦୀର୍ଘମିଆଦୀ ଓ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରା ଅଭାବ ଯୋଗୁ ଆଜି ଏଭଳି ପରିସ୍ଥିତି ଉପୁଜିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି । ବିଏମ୍‌ସିକୁ ପରିଚାଳନା କରିବାକୁ ଆସୁଥିବା କମିଶନର ମାତ୍ର ବର୍ଷେ କି ଦୁଇ ବର୍ଷରେ ବଦଳି ହୋଇ ଚାଲିଯାଉଛନ୍ତି । ୨୦୧୪ରୁ ୨୦୨୨ ମଧ୍ୟରେ ୬ ଜଣ କମିଶନର ଓ ପ୍ରଶାସକ ବିଏମ୍‌ସିରୁ ବଦଳି ହେଲେଣି । ମାତ୍ର ସହରର ମୁଖ୍ୟ ସମସ୍ୟା ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବିଏମ୍‌ସି କିମ୍ବା ନଗର ଉନ୍ନୟନ ବିଭାଗ ପକ୍ଷରୁ କୌଣସି ଠୋସ୍ ଯୋଜନା ହୋଇପାରିଲା ନାହିଁ । ଏଭଳି ଖାମଖିଆଲ ମନୋଭାବକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ୭ମାସ ପରେ ମଧ କୌଣସି ବିକଳ୍ପ ବ୍ୟବସ୍ଥା ହୋଇପାରିଲା ନାହିଁ । ଏସମ୍ପର୍କରେ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଏହି ସମସ୍ୟା ବିଷୟରେ ଆମେ ଅବଗତ ଅଛୁ । ଏ ଦିଗରେ କାର୍ଯ୍ୟ ଆରମ୍ଭ ହୋଇଛି । ଆସନ୍ତା ୪୦ ଦିନ ମଧ୍ୟରେ ସମାଧାନ ହେବ ବୋଲି ଆଶା କରୁଛୁ ।





# ବିଜେପି (ଏନଡିଏ) ଓ କଂଗ୍ରେସ (ଇଣ୍ଡିଆ) ମେଣ୍ଟ ରାଜନୀତି



ସଦ୍ୟ ସମାପ୍ତ ପାଞ୍ଚଟି ରାଜ୍ୟର ବିଧାନସଭା ନିର୍ବାଚନ ଅନେକ ଅକୁହା କଥାଆଡକୁ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ଏହି ତିନିଟି ରାଜ୍ୟରେ ବିଜେପିର ବିଜୟ ପରେ ମୋଦୀ ମ୍ୟାଜିକ୍‌ର ଯେ ଗୁରୁତ୍ୱ ଅଛି ସେକଥାକୁ କେହି ଅସ୍ୱୀକାର କରିବେନାହିଁ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ମ୍ୟାଜିକ୍, ବିଜେପି ର ଚତୁର ଚାଣକ୍ୟ ଗୃହ ମନ୍ତ୍ରୀ ଅମିତ୍ ସାହାଙ୍କ ରଣନୀତି, ଦଳୀୟ ଅଧ୍ୟକ୍ଷ ଜେ. ପି. ନଡ୍ଡାଙ୍କ ପ୍ରଚାର କୌଶଳ ଏବଂ ସର୍ବୋପରି ତିନି ରାଜ୍ୟର ମୁଖ୍ୟ ନେତାମାନେ ଏକତ୍ରିତ ହୋଇ ଜିତିବାକୁ ପଣ କରିବା ହିଁ ଲୋକସଭା ନିର୍ବାଚନ ପୂର୍ବରୁ ସେମିଫାଇନାଲ କୁହାଯାଉଥିବା ବିଧାନସଭା ନିର୍ବାଚନରେ ବିପୁଳ ବିଜୟ ଆଣିଦେଲା ।

ସାନ୍ତ୍ୱନାର କଥା ଏହିକିଯେ ବିଜେପିର ଏହି ବିପୁଳ ବିଜୟ କିନ୍ତୁ ସର୍ବ ପୁରାତନ ଜାତୀୟ ଦଳକୁ ମୂଳପୋଛ କରିପାରିନାହିଁ । ରାଜନୈତିକ ବିଷାରଦମାନଙ୍କ ମତରେ ବିଜେପି ଜିତିବାକୁ ଲଢିଲା ତେଣୁ ଜିତିଲା । କଂଗ୍ରେସ ଦଳ ନିଜନିଜ ଭିତରେ

**କୈଳାସ ଚନ୍ଦ୍ର ଶତପଥୀ**

ଲଢି ହାରିଲା । ଲୋକସଭା ନିର୍ବାଚନ ପୂର୍ବରୁ ଏହି ଚାରି ରାଜ୍ୟର ନିର୍ବାଚନ ଫଳାଫଳ କଂଗ୍ରେସକୁ କେବଳ ହତୋତ୍ସାହିତ କରିନଥିବ ବରଂ ଅନେକ ସମ୍ଭାବନା ସତ୍ତ୍ୱେ କେବଳ ତେଲେଙ୍ଗାନାକୁ ଛାଡିଦେଲେ ଅନ୍ୟ ସବୁଠି ପରାଜୟ ଦଳକୁ ଆଗାମି ଦିନପାଇଁ କଠୋର ପ୍ରସ୍ତୁତି ପାଇଁ ଉଦ୍ୟମ ଆରମ୍ଭ କରିବାକୁ ପ୍ରରୋଚିତ କରିବ । କର୍ଣ୍ଣାଟକ ପରେ ତେଲେଙ୍ଗାନାରେ ବିଜୟ ହେତୁ କଂଗେସ ଦଳ ଦକ୍ଷିଣାଞ୍ଚଳରେ ଭଲ କରିବ ବୋଲି ଏକ ଆଶା ସଂଚାର ହେଇଛି । କିନ୍ତୁ ନିର୍ବାଚନ ପରର ଫଳାଫଳ ପରିସଂଖ୍ୟାନ ଓ ତଥ୍ୟ ବହୁତ ଅଲଗା ଦିଗକୁ ଇଙ୍ଗିତ କରୁଛି । ମିଜୋରାମ, ତେଲେଙ୍ଗାନା, ଛତିଶଗଡ, ରାଜସ୍ଥାନ ଓ ମଧ୍ୟପ୍ରଦେଶ ଏହି ପାଞ୍ଚଟି ରାଜ୍ୟ ବିଧାନସଭା ନିର୍ବାଚନରେ କଂଗ୍ରେସ ଦଳ ମୋଟ ଉପରେ ୪.୯୨ କୋଟି ଭୋଟ ସହିତ ୨୩୫ ଆସନ ପାଇଛି । ଏବଂ ବିଜେପି ଦଳ ମୋଟ ଉପରେ ୪.୮୨ କୋଟି ଭୋଟ ସହିତ ୩୪୨ ଆସନ ପାଇଛି । ତେଣୁ ରାଜନୈତିକ ବିଚାର ଆଧାରରେ କଂଗ୍ରେସ ଦଳର ରାଜନୈତିକ ଆଶା ଡୁବି ନାହିଁ । ନେତୃତ୍ୟ ନେବାର ଶୈଳୀ ଓ ଠିକଣା ଢଙ୍ଗର ସଂଗଠିତ ପ୍ରଚାର କଂଗ୍ରେସ ଦଳ ପାଇଁ ଆଶାର କିରଣ ସାଜିପାରେ । କଂଗେସ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲିକାର୍ଜୁନ ଖଡଗେ୍, ବିଜେପିର ଜେ.ପି.ନଡ୍‌ଡାଙ୍କ ଭଳି ଏତେ ଲୋକପ୍ରିୟ ନୁହଁନ୍ତି । ଅମିତ୍ ସାହାଙ୍କ ନିର୍ବାଚନ ପରିଚାଳନା ଦକ୍ଷତା ସୋନିଆ ଗାନ୍ଧୀଙ୍କ ଆଭିମୁଖ୍ୟ ଠାରୁ ଢେର ଉପରେ । ମୋଦୀଙ୍କ ମ୍ୟାଜିକ୍ ଆଗରେ ରାହୁଲ ଗାନ୍ଧୀଙ୍କ ମ୍ୟାଜିକ୍ ଅତ୍ୟନ୍ତ ଫିକା । ଯେଉଁ ଅନ୍ୟ ଏକ ମୁଖ୍ୟ କାରଣ ପାଇଁ କଂଗ୍ରେସ ଉପରୋକ୍ତ ରାଜ୍ୟଗୁଡିକରେ ହାରିଲା ତା' ହେଉଛି ରାଜସ୍ଥାନରେ ଗେହଲଟ୍-ପାଇଲଟ୍, ମଧ୍ୟ ପ୍ରଦେଶରେ କମଳନାଥ-ଦିଗବିଜୟ ସିଂହ, ଛତିଶଗଡ଼ରେ ଭୁପେଶ ବଘେଲ୍-ଟି.ଏସ ସିଂହଦେଓ ପରସ୍ପର ମଧ୍ୟରେ ଲଢୁଥିଲେ । ଇଣ୍ଡିଆ ମେଣ୍ଟର ଅନ୍ୟ ସହଯୋଗୀ ସଦସ୍ୟ ଦଳଙ୍କ ସହ ଆସନ ବଣ୍ଟୁଆରା ନକରି ଏକେଲା ଲଢିବାର ଜିଦି ମଧ୍ୟ ପରାଜୟର ଅନ୍ୟତମ କାରଣ । ତେଣୁ ଆଗାମି ଲୋକସଭା ନିର୍ବାଚନ ରେ ମେଣ୍ଟ ଧର୍ମ ପାଳନ ପୂର୍ବକ ପରସ୍ପର ଭିତରେ ଗୋଷ୍ଠୀକନ୍ଦଳ ନକରି ବୁଝାମଣା କରି ଲଢ଼ିଲେ ଫଳାଫଳ ଅଲଗା ହେଇପାରେ ।

*ଆଇନଜୀବୀ, ଓଡିଶା ହାଇକୋର୍ଟ, କଟକ-୨*
*ମୋ-୯୯୩୭୦୧୦୫୭୧*

## ମଧ୍ୟପ୍ରଦେଶର ନୂଆ ମୁଖ୍ୟମନ୍ତ୍ରୀ

# ଡ.ମୋହନ ଯାଦବ



ଭୋପାଳ : ଡ. ମୋହନ ଯାଦବଙ୍କୁ ବିଜେପି ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବା ପରେ ତାଙ୍କୁ ନେଇ ସାରା ଦେଶରେ ଚର୍ଚ୍ଚା ଜାରି ରହିଛି । ତାଙ୍କର ପରିବାର ଓ ଶିକ୍ଷାଗତ ଯୋଗ୍ୟତା ସଂପର୍କରେ ଜାଣିବାକୁ ଲୋକମାନେ ଉତ୍ସୁକ ହୋଇପଡ଼ିଛନ୍ତି ।

ଉଜ୍ଜୈନର ବାସିନ୍ଦା ଡ. ଯାଦବ ବେଶ ଉଚ୍ଚଶିକ୍ଷିତ । ସେ ଏମବିଏ, ବିଏଏଲଏଲବି କରିବା ସହ ପିଏଚଡି କରିଛନ୍ତି । ସୀମା ଯାଦବ ତାଙ୍କର ପତ୍ନୀ ହୋଇଥିବା ବେଳେ ତାଙ୍କର ୨ ପୁଅ ଓ ଜଣେ ଝିଅ ଅଛନ୍ତି । ତାଙ୍କର ପାରିବାରିକ ବ୍ୟବସାୟ ଥିବା ସହ ସେ ଓକିଲାତି ବି କରିଛନ୍ତି ।

ଡ. ମୋହନ ଯାଦବଙ୍କ ରାଜନୈତିକ ଜୀବନ ୧୯୮୪ ମସିହାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦରେ ଯୋଗ ଦେବା ପରେ ଆରମ୍ଭ ହୋଇଥିଲା । ସେ ମଧ୍ୟ ଆରଏସଏସର ଜଣେ ସକ୍ରିୟ ସଦସ୍ୟ । ସେ ୨୦୧୩ରେ ପ୍ରଥମ ଥର ପାଇଁ ଉଜ୍ଜୈନ ଦକ୍ଷିଣରୁ ନିର୍ବାଚନ ଲଢ଼ିଥିଲେ ଏବଂ ଏଥର କ୍ରମାଗତ ତୃତୀୟ ନିର୍ବାଚନ ପାଇଁ ବିଧାୟକ ନିର୍ବାଚିତ ହୋଇଛନ୍ତି । ଏଥର ସେ କଂଗ୍ରେସ ପ୍ରାର୍ଥୀ ଚେତନ ପ୍ରେମନାରାୟଣ ଯାଦବଙ୍କୁ ୧୨,୯୪୧ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି । ଏଥର ମୋହନ ଯାଦବଙ୍କୁ ୯୫,୬୯୯ ଖଣ୍ଡ ଭୋଟ ମିଳିଛି ।

ମୋହନ ଯାଦବଙ୍କ ନାମ ଘୋଷଣା ଉଜ୍ଜୈନବାସୀଙ୍କ ପାଇଁ ଆଶ୍ଚର୍ଯ୍ୟଠାରୁ କମ୍ ନୁହେଁ, କାରଣ ତାଙ୍କ ନାମ ମୁଖ୍ୟମନ୍ତ୍ରୀ ପଦ ପାଇଁ ଦୌଡ଼ରେ କେଉଁଠି ନଥିଲା, କିନ୍ତୁ ବିଧାୟକ ଦଳ ବୈଠକରେ ତାଙ୍କ ନାମ ଘୋଷଣା କରାଯାଇଥିଲା । ସେ ୨୦୦୪ରୁ ୨୦୧୦ ପର୍ଯ୍ୟନ୍ତ ଉଜ୍ଜୈନ ଉନ୍ନୟନ ପ୍ରାଧିକରଣର ଅଧ୍ୟକ୍ଷ ଥିଲେ ଏବଂ ୨୦୧୧ରୁ ୨୦୧୩ ପର୍ଯ୍ୟନ୍ତ ଏମପି ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ପ୍ରାଧିକରଣର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ । ଯାଦବ ଜୁଲାଇ ୨୦୨୦ରୁ ୨୦୨୩ ପର୍ଯ୍ୟନ୍ତ ଶିବରାଜ ସିଂ ଚୌହାନ କ୍ୟାବିନେଟରେ ଶିକ୍ଷାମନ୍ତ୍ରୀ ଥିଲେ ।



## ଛତିଶଗଡ଼ର ନୂଆ ମୁଖ୍ୟମନ୍ତ୍ରୀ

# ବିଷ୍ଣୁଦେବ ସାଏ

ନୂଆଦିଲ୍ଲୀ: ଛତିଶଗଡ଼ ବିଜେପିର ପୂର୍ବତନ ସଭାପତି ତଥା ପୂର୍ବତନ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ବିଷ୍ଣୁଦେବ ସାଏ ଛତିଶଗଡ଼ର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି । ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ୫୯ ବର୍ଷୀୟ ସାଏ ଉତ୍ତର ଛତିଶଗଡ଼ର କୁନକୁରିରୁ ବିଜୟୀ ହୋଇଛନ୍ତି । ସେ ଦୁର୍ଗ, ରାୟପୁର ଓ ବିଳାସପୁର ଡିଭିଜନରେ ବହୁ ସଂଖ୍ୟାରେ ଉପସ୍ଥିତି ଥିବା ପ୍ରଭାବଶାଳୀ ତେଲି ସମ୍ପ୍ରଦାୟର ନେତା । ଉଲ୍ଲେଖଯୋଗ୍ୟ, ଗତ ମାସରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରିବା ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଭୋଟରମାନଙ୍କୁ ସାଏଙ୍କୁ ନିର୍ବାଚିତ କରିବାକୁ ଅନୁରୋଧ କରିଥିଲେ ଏବଂ ରାଜ୍ୟରେ ଦଳ କ୍ଷମତାକୁ ଆସିଲେ ସାଏଙ୍କୁ ବଡ଼ ପଦବି ମିଳିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ରାଜ୍ୟର ସର୍ବୋଚ୍ଚ ଦାୟିତ୍ୱ ମିଳିବା ପରେ ସାଏ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଶାହ, ବିଜେପି ସଭାପତି ଜେପି ନଡ୍ଡା ଏବଂ ଅନ୍ୟ ଦଳୀୟ ନେତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ବୈଠକ ପରେ ସାଏ ଗଣମାଧ୍ୟମକୁ କହିଛନ୍ତି, ମୁଖ୍ୟମନ୍ତ୍ରୀ ଭାବେ ମୁଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗ୍ୟାରେଣ୍ଟି (ବିଜେପି ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି) ପୂରଣ କରିବାକୁ ଚେଷ୍ଟା କରିବି । ସାଏ ଜଣେ ଗ୍ରାମ ସରପଞ୍ଚ ଭାବରେ ତାଙ୍କର ରାଜନୈତିକ ଜୀବନ ଆରମ୍ଭ କରିଥିଲେ ଏବଂ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ଭୂମିକା ପାଇବା ସହିତ କେନ୍ଦ୍ରମନ୍ତ୍ରୀ ଓ ଏକାଧିକ ଥର ଲୋକସଭା ସାଂସଦ ହୋଇଥିଲେ । ସେ ପ୍ରଥମ ମୋଦୀ କ୍ୟାବିନେଟରେ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ କେନ୍ଦ୍ରମନ୍ତ୍ରୀ ଥିଲେ । ୧୯୬୪ ମସିହା ଫେବ୍ରୁଆରି ୨୧ ତାରିଖରେ ଆଦିବାସୀବହୁଳ ଯଶପୁର ଜିଲ୍ଲାର ବାଗିଆ ଗ୍ରାମରେ ଏକ କୃଷକ ପରିବାରରେ ଜନ୍ମଗ୍ରହଣ କରିଥିବା ସାଏ ୧୯୯୦ରୁ ୧୯୯୮ ପର୍ଯ୍ୟନ୍ତ ଦୁଇ ଥର ଅବିଭକ୍ତ ମଧ୍ୟପ୍ରଦେଶର ବିଧାନସଭା ସଦସ୍ୟ ଥିଲେ ଏବଂ ୧୯୯୯, ୨୦୦୪, ୨୦୦୯ ଓ ୨୦୧୪ରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ତାଙ୍କ ଜେଜେବାପା ସ୍ୱର୍ଗତ ବୁଦ୍ଧନାଥ ସାଏ ୧୯୪୭ରୁ ୧୯୫୨ ପର୍ଯ୍ୟନ୍ତ ମନୋନୀତ ବିଧାୟକ ଥିଲେ । ତାଙ୍କର ବଡ଼ବାପା ସ୍ୱର୍ଗତ ନରହରି ପ୍ରସାଦ ସାଏ ଜନସଂଘର ସଦସ୍ୟ ଥିଲେ ଏବଂ ଦୁଇ ଥର ବିଧାୟକ ଏବଂ ଥରେ ସାଂସଦ ଭାବରେ ନିର୍ବାଚିତ ହୋଇଥିଲେ ।



**Ranjit Pattnaik**
Electro Homoeopathic Practioner

# Insomnia & its Treatment

Insomnia is the most common sleep disorder and includes having difficulty falling sleep, waking often during the night, waking up too early or just that your sleep isn't refreshing. Insomnia can sap not only your energy level and mood but also your health, work performance and quality of life.

***Insomnia symptoms:***

Difficulty falling asleep at night

Sleepiness during the day

Fatigue, grumpiness, irritability, depression, anxiety

Problems with concentration and memory

***Primary causes***

Stress related to big life events like a job loss , the death of a loved one, divorce or break up in love

Changes to your sleep habits, like sleeping in a hotel, new home

Thing around you like noise, light or temperature

Excessive use of Smartphone, computer in night time before sleeping.

***Secondary causes:***

Mental health issues like depression

Medications for colds, allergies, asthma

Pain or discomfort at night

Chronic pain conditions such as arthritis or back pain

Excessive use of Caffeine, tobacco or alcohol

Pregnancy.

***Dangers of insomnia:***

A lack of sleep can cause a bunch of health issues such as higher blood sugar levels, liver problems and severe depression. Chronic insomnia can increase the likelihood of some serious diseases and illness including heart attack and stroke.

***Treatment:***

Acute insomnia may not need for treatment. If it's hard for you to do everyday activities because you're tired, your doctor may prescribe sleeping pills for a short time. Don't use over the counter sleeping pills for insomnia. They might have side effects.

For improvement in sleeping disorder naturally do regular exercises, yoga, meditation, morning & evening walk.

Avoid excessive use of tea, coffee before bed time.

Don't take unnecessary stress.

Listen to your favourite music for relaxing your mood and mind.

**Through Electro Homoeopathic:**

4th or 5th dilutions of S1 (in chronic cases 100 th, 500th dilution etc) A3 ,F1 should be used. 10-15 pills of S1 before meals and 10-15 pills of S10 after meals. 10 pills of C5 should be used in the morning in one cup of water daily.

Take5 pills of vermifugo at bed time.

On the feet apply 20-30 drops of we at bed time.

# ଡିସ୍ପ୍ରାକ୍ସିଆ


ଡିସପ୍ରାକସିଆ ଏକ ସାମାନ୍ୟ ନ୍ୟୁରୋଲୋଜିକାଲ ଅଥବା ବ୍ରେନ୍ ଆଧାରିତ ଡିଜଅର୍ଡର। ଏହା ଚଲାବୁଲା ଓ କୋର୍ଡିନେସନକୁ ପ୍ରଭାବିତ କରିଥାଏ। କୋର୍ଡିନେସନ ଦରକାର ହେଉଥିଲେ ଡିସପ୍ରାକସିଆ ରୋଗୀଙ୍କ ପାଇଁ ଏହା ବେଶ ଆହ୍ୱାନପୂର୍ଣ୍ଣ। ଏହାର ପ୍ରଭାବରେ ଖେଳିବା, କାର ଚଲାଇବା ଭଳି କାମ କରିବା ଅସୁବିଧା ହୋଇଯାଏ। ଏହା ଇଣ୍ଟେଲିଜେନ୍ସକୁ ପ୍ରଭାବିତ କରି ନ ଥାଏ। କିନ୍ତୁ ଏହା ମସ୍ତିଷ୍କରେ ଥିବା ଫାଇନ ମୋଟର ସ୍କିଲକୁ ପ୍ରଭାବିତ କରିପାରେ। ଏଥିରେ ଲେଖିବା କିମ୍ବା ଛୋଟ ଜିନିଷକୁ ବ୍ୟବହାର କରିବା ସାମିଲ ହୋଇପାରେ।

ବିଶେଷଜ୍ଞଙ୍କ ଅନୁସାରେ ଡିସ୍ପ୍ରାକସିଆ ହେବାର କୌଣସି ଠୋସ୍ କାରଣ ନାହିଁ। କିନ୍ତୁ ମସ୍ତିଷ୍କର ସନ୍ଦେଶ ଶରୀରରେ ପ୍ରେରଣ ହେବାରେ ବାଧା ସୃଷ୍ଟି ହେବା କାରଣରୁ ଏହା ହୋଇଥାଏ ବୋଲି କୁହାଯାଏ। ଏହା ବ୍ୟକ୍ତିର ସହଜ ଓ ସମନ୍ୱିତ ଉପାୟରେ ଗତି କରିବାର କ୍ଷମତାକୁ ପ୍ରଭାବିତ କରିଥାଏ। ଡିସପ୍ରାକସିଆ ଫାଉଣ୍ଡେସନର ୱେବସାଇଟରେ ଏହା କୁହାଯାଇଛି। ଅନେକ ଗବେଷଣାରୁ ଜଣାପଡ଼ିଛି ଯେ ମହିଳାଙ୍କ ତୁଳନାରେ ପୁରୁଷମାନେ ଏହାର ଶିକାର ଅଧିକ ହେଉଛନ୍ତି। ବେଳେବେଳେ ସମୟ ପୂର୍ବରୁ ଜନ୍ମ ହେଉଥିବା ପିଲା ବି ଏଥିରେ ପୀଡ଼ିତ ହୋଇପାରନ୍ତି।

***ଲକ୍ଷଣ:*** କୋର୍ଡିନେସନ, ସନ୍ତୁଳନ ଓ ଗତି କରିବାରେ, କୌଣସି ନୂଆ ଜିନିଷ ଶିଖିବାରେ, ସୂଚନା ମନେରଖିବାରେ, କପଡ଼ା ପିନ୍ଧିବା କିମ୍ବା ରୋଷେଇ କରିବାରେ ସମସ୍ୟା ଭଳି ଦୈନନ୍ଦିନ କାର୍ଯ୍ୟରେ ଆସୁଥିବା ଆହ୍ୱାନ ଯଥା ଲେଖିବା, କିବୋର୍ଡ ବ୍ୟବହାର କରିବା, ଛୋଟ ଜିନିଷ ଟାଣିବା କିମ୍ବା ଧରିବାରେ ଅସୁବିଧା, ଆତ୍ମବିଶ୍ୱାସର ଅଭାବ, ଖରାପ ଟାଇମ ମ୍ୟାନେଜମେଣ୍ଟ, ଯୋଜନା ଓ ବ୍ୟକ୍ତିଗତ ବ୍ୟବସ୍ଥିତ ଦକ୍ଷତାରେ ଅଭାବ ଭଳି ଲକ୍ଷଣ ଦେଖିବାକୁ ମିଳିଥାଏ। ଏହା ସ୍ମରଣ ଶକ୍ତି ଉପରେ ବି ପ୍ରଭାବ ପକାଇପାରେ।

***ଚିକିତ୍ସା:*** ଡିସ୍ପ୍ରାକଉସିଆର କୌଣସି ଉପଚାର ନାହିଁ। କିନ୍ତୁ ସାଧାରଣତଃ ଲୋକେ ଦୈନନ୍ଦିନ କାମରେ ଆସୁଥିବା ସମସ୍ୟାରୁ ମୁକ୍ତି ପାଇବା ଲାଗି ଥେରାପି ନେଇଥାନ୍ତି। ଅକ୍ୟୁପେସନାଲ ଥେରାପିର ଉପଯୋଗ ବ୍ୟକ୍ତି ସ୍ୱତନ୍ତ୍ର ରହିବାର ଉପାୟ ଖୋଜିବାକୁ କରାଯାଏ। ସେହିପରି କଗ୍ନିଟିଭ ବିହେଭିୟରାଲ ନାମକ ଟକିଂ ଥେରାପିର ଉପଯୋଗ ମାଧ୍ୟମରେ ରୋଗୀ ଚିନ୍ତା କରିବା ଓ ବ୍ୟବହାର କରିବାର ଉପାୟକୁ ବଦଳାଇ ସମସ୍ୟାରେ ସୁଧାର ଆଣିବାକୁ କରାଯାଏ। ଏଥିସହିତ ରୋଗୀ ଫିଟ୍ ଓ ସୁସ୍ଥ ରହିବା ସହିତ ନିୟମିତ ବ୍ୟାୟାମ କଲେ ବି କୋର୍ଡିନେସନରେ ସାହାଯ୍ୟ ମିଳିପାରେ। ଯଦି ଲେଖିବା କଷ୍ଟ ହେଉଛି ତେବେ ଲ୍ୟାପ୍ଟପ୍ କିମ୍ବା କମ୍ପ୍ୟୁଟର ବ୍ୟବହାର କରନ୍ତୁ। ଜିନିଷକୁ ବ୍ୟବସ୍ଥିତ କରିବା ଲାଗି କ୍ୟାଲେଣ୍ଡର, ଡାଏରୀ ଓ ଆପର ବ୍ୟବହାର କରିବା ଆବଶ୍ୟକ। ଆହ୍ୱାନ ସମ୍ପର୍କରେ ସକାରାତ୍ମକ କଥା ହେବା ଶିଖିବା, ବୁଝିବା, ଏଥିରୁ କିପରି ବାହାରିବା ଆଦି ଶିଖିବା ଆଦି ସାମିଲ ରହିଛି।

# ଯୁବପିଢ଼ିଙ୍କଠାରେ ହୃଦ୍‌ଘାତ



ଏଭଳି ଏକ ସମୟ ଥିଲା ଯେତେବେଳେ ହୃଦ୍‌ଘାତ କିମ୍ବା ହୃଦ୍‌ରୋଗ ବୟସ ସହିତ ଜଡ଼ିତ ଥିଲା। ସାଧାରଣତଃ ହୃଦଘାତ କିମ୍ବା ହୃଦ୍ ସମ୍ବନ୍ଧୀୟ ଅନ୍ୟାନ୍ୟ ରୋଗ କେବଳ ଗୋଟିଏ ବୟସ ପରେ ଆସେ। କିନ୍ତୁ ବର୍ତ୍ତମାନ ସମୟ ବଦଳିଛି, ବର୍ତ୍ତମାନ ଯୁବକମାନଙ୍କଠାରେ ହୃଦୟ ସମସ୍ୟା ମଧ୍ୟ ଦେଖାଯାଉଛି।

ବିଶେଷଜ୍ଞଙ୍କ ଅନୁଯାୟୀ, ଯୁବକମାନଙ୍କ ହୃଦ୍‌ଘାତର ମୁଖ୍ୟ କାରଣ ହେଉଛି ସେମାନଙ୍କର ଜୀବନଶୈଳୀ। ଏଥିରେ ମଧ୍ୟ ଧୂମପାନ, ମଦ୍ୟପାନ ଏବଂ ଚାପର ଏକ ପ୍ରମୁଖ ଭୂମିକା ରହିଛି। ସେମାନଙ୍କ ଜୀବନଶୈଳୀ ପ୍ରତି ଅସାବଧାନତା ମନୋଭାବ ବେଳେବେଳେ ଯୁବକମାନଙ୍କ ପାଇଁ ମହଙ୍ଗା ହୋଇଯାଏ। ଅଧିକାଂଶ ନୂତନ ପିଢ଼ି ଅଳ୍ପ ବୟସରେ ହୃଦ୍‌ରୋଗ ବିଷୟରେ ଅବଗତ ନୁହଁନ୍ତି। ବେଳେବେଳେ ସାମାନ୍ୟ ଲକ୍ଷଣ ଦେଖାଯାଏ, ସେହି ଲକ୍ଷଣଗୁଡ଼ିକର କାରଣ ଜାଣିବା ପରିବର୍ତ୍ତେ ଯୁବକମାନେ ସେମାନଙ୍କୁ ଅଣଦେଖା କରନ୍ତି।

ହୃଦ୍‌ଘାତର ପରବର୍ତ୍ତୀ ମୁଖ୍ୟ କାରଣ ହେଉଛି ଶାରୀରିକ କାର୍ଯ୍ୟକଳାପ କିମ୍ବା ଗତିର ଅଭାବ। ଅନେକ ଥର ଲୋକଙ୍କ କାମ ଏପରି ଯେ ସେମାନେ ଗୋଟିଏ ସ୍ଥାନରେ ଦୀର୍ଘ ସମୟ ଧରି ବସିଥା'ନ୍ତି ଏବଂ ବେଳେବେଳେ କାମ କିମ୍ବା ଅନ୍ୟାନ୍ୟ କାରଣରୁ ସେମାନେ ବ୍ୟାୟାମ କରିବାକୁ ସମୟ ପାଆନ୍ତି ନାହିଁ। ଏହାକୁ ପରିବର୍ତ୍ତନ କରିବାକୁ ପଡ଼ିବ। କୌଣସି ଜିନିଷ ଖାଇବା ଅଭ୍ୟାସକୁ ମଧ୍ୟ ଏଡ଼ାଇବା ଉଚିତ୍, ଯେଉଁଥିରେ ମୁଖ୍ୟତଃ ବାହ୍ୟ ଖାଦ୍ୟ ଅନ୍ତର୍ଭୁକ୍ତ। ଏହା କୋଲେଷ୍ଟ୍ରଲ ବୃଦ୍ଧି କରିଥାଏ, ଯାହା ହୃଦୟର ସ୍ୱାସ୍ଥ୍ୟକୁ ନଷ୍ଟ କରିଥାଏ।

ଯଦି ଆପଣ ଉଚ୍ଚ ରକ୍ତଚାପ, ମଧୁମେହ କିମ୍ବା ଉଚ୍ଚ କୋଲେଷ୍ଟ୍ରଲ୍ ରୋଗରେ ଆକ୍ରାନ୍ତ, ତେବେ ଏହାକୁ ଗମ୍ଭୀରତାର ସହ ନିଅନ୍ତୁ। ନିୟମିତ ଯାଞ୍ଚ କରନ୍ତୁ ଏବଂ ଔଷଧ ନିଅନ୍ତୁ। ଧୂମପାନ କରନ୍ତୁ ନାହିଁ ଏବଂ ମଦ୍ୟପାନକୁ ସୀମା ମଧ୍ୟରେ ରଖନ୍ତୁ। ପ୍ରକ୍ରିୟାକୃତ ଖାଦ୍ୟ କିମ୍ବା କେନଡ୍ ଖାଦ୍ୟ ଯଥାସମ୍ଭବ ଦୂରେଇ ରୁହନ୍ତୁ। ଏହା ସହିତ ବ୍ୟାୟାମକୁ ଆପଣଙ୍କର ଦୈନନ୍ଦିନ କାର୍ଯ୍ୟର ଏକ ଅଂଶ କରନ୍ତୁ। ପ୍ରଚୁର ସବୁଜ ପନିପରିବା ଏବଂ ଫଳ ଖାଅନ୍ତୁ ଏବଂ ମାନସିକ ଚାପକୁ ଯଥାସମ୍ଭବ ହ୍ରାସ କରନ୍ତୁ। ନିୟନ୍ତ୍ରିତ ପରିମାଣରେ ଥଣ୍ଡା ପାନୀୟ ଏବଂ ଚିନି ନିଅନ୍ତୁ। ଆପଣଙ୍କ ପରିବାର ଏବଂ ସାଙ୍ଗମାନଙ୍କ ସହିତ ସମୟ ବିତାନ୍ତୁ। ଯେତେ ଖୁସି ରହିବେ, ସେତେ ହୃଦୟ ସୁସ୍ଥ ରହିବ।




# ପ୍ରଥା ତତ୍ତ୍ୱ ଏବଂ ଓଡ଼ିଆ ପରମ୍ପରା



ମଣିଷ ସହିତ ସମାଜ, ପ୍ରକୃତି ଏବଂ ପରିବେଶ ବେଶ୍ ଜଡ଼ିତ। କାହିଁ କେଉଁ ସହସ୍ରାଧିକ ବର୍ଷ କାଳ ସରସ ସୁନ୍ଦର ଭାବରେ ସଭ୍ୟ ମଣିଷ ତାହାର ସ୍ଥିତି ଜାହିର୍ ରଖିଛି। ନିୟମାନୁଯାୟୀ ପ୍ରଚଳିତ ପ୍ରଥା ସ୍ଥିର କରି ଜୀବନଶୈଳୀରେ ସକରାତ୍ମକ ପ୍ରଭାବ ନିମନ୍ତେ ଖାଦ୍ୟ, ପେୟ ପ୍ରକ୍ରିୟାରେ ବ୍ୟାପକ ତତ୍ତ୍ୱ ଭରିରଖିଛି। ପ୍ରଥା ଏବଂ ପରମ୍ପରାରେ କେତୋଟି ବିଧି ବିଧାନ ଚଳଣି କରି ଓଡିଆ ଘରର ସଭ୍ୟତା ଏକଦମ୍ ନିଆରା।

ସୂର୍ଯ୍ୟ ଉଦୟ କାଳରୁ ରାତି ପାହିବା ଭିତରେ ଜୀବନଚର୍ଯ୍ୟାକୁ ଅନୁଧ୍ୟାନ କଲେ ଆଶ୍ଚର୍ଯ୍ୟଜନକ ସିଦ୍ଧାନ୍ତ ଅନୁଭୂତ ହୁଏ। ବିଜ୍ଞାନ ସମ୍ମତ ସକାଳ କିରଣ ସ୍ୱାସ୍ଥ୍ୟ ପକ୍ଷେ ହିତକର। ତୁଳସୀ ବୃକ୍ଷରେ ଜଳଦାନ ଏବଂ ପ୍ରଣାମ ସବୁ ଯୋଗ ମୁଦ୍ରାରେ ବିହିତ। ସ୍ନାନ ସାରି ଦେବତାଙ୍କୁ ପୂଜନ, ସ୍ମରଣ ଏବଂ କପାଳରେ ଚନ୍ଦନ ଲେପନ ମଧ୍ୟ ସ୍ୱାସ୍ଥ୍ୟ ପକ୍ଷେ ଉତ୍ତମ। ଭ୍ରୂ ମଧ୍ୟସ୍ଥ ସ୍ଥାନରେ ଅଙ୍ଗୁଳି ସ୍ପର୍ଶରେ ଏକାଗ୍ରତା ବର୍ଦ୍ଧନ ହୁଏ ।



ପାଶ୍ଚାତ୍ୟ ସଭ୍ୟତାର ପ୍ରବେଶ ପୂର୍ବରୁ ସନ୍ଧ୍ୟା ଅତିବାହିତ ପରେ ଖାଦ୍ୟ ଗ୍ରହଣ ଏବଂ ଶୀଘ୍ର ଶୟନ ମଣିଷକୁ ସ୍ୱାସ୍ଥ୍ୟବାନ୍ ରଖିଥାଏ। ନିଦ୍ରା ମସ୍ତିଷ୍କର କେବଳ ବିଶ୍ରାମ ଅବସ୍ଥା ନୁହେଁ ବରଂ ଉତ୍ତମ ଚେତନାର ଜାଗରଣ କରିବାରେ ସହାୟକ ହୋଇଥାଏ।

ହିନ୍ଦୁ ଧର୍ମର ମାନ୍ୟତା ଅନୁଯାୟୀ ଜଳ ତତ୍ତ୍ୱ ଅମୃତ କାରକ। ଏବଂ ଚନ୍ଦ୍ରଙ୍କ ସହିତ ସମ୍ପର୍କିତ। ତେଣୁ ସ୍ନାନ ବିଧାନରେ ମନନ, ସ୍ମରଣ କରାଇ ଗଙ୍ଗା, ଯମୁନା, ଗୋଦାବରୀ, ସରସ୍ୱତୀ, ନର୍ମଦା, ସିନ୍ଧୁ ଓ କାବେରୀ ଇତ୍ୟାଦି ପବିତ୍ର ନଦୀଙ୍କର ନାମ ଉଚ୍ଚାରଣ କରାଯାଏ। ଏହି ଚିନ୍ତନ ରେ ଶରୀରର ଆଭ୍ୟନ୍ତରୀଣ ପ୍ରକ୍ରିୟା ଯୋଗୁ ପବିତ୍ର ମନୋଭାବନା ଜାଗ୍ରତ ହୁଏ। ମନ ଶାନ୍ତ ଅର୍ଥ ସୁସ୍ଥ। ଧର୍ମ ଅର୍ଥ ଦାୟିତ୍ୱ ନିର୍ବାହ ପାଇଁ ପ୍ରଥା ପ୍ରଚଳନ ବ୍ୟବସ୍ଥାକୁ ଦୃଢ଼ୀକରଣ କରାଯାଇଛି।

ମାର୍ଗଶୀର ଗୁରୁବାର ନିମନ୍ତେ ଭୂମିକୁ ଲେପି, ସୁନ୍ଦର ଧବଳ ବର୍ଣ୍ଣ ଚାଉଳବଟାରେ ଝୋଟି ଅଙ୍କନ ସମୟରେ ଆଙ୍ଗୁଳି ଭୂମିକୁ ସ୍ପର୍ଶ କରେ। ଦୀର୍ଘ ସମୟ ଝୋଟିଚିତା ପକାଇବାରେ ନାରୀଙ୍କର ଶରୀର ଏକ ପ୍ରକାରର ବ୍ୟାୟାମ ସଦୃଶ କାର୍ଯ୍ୟ କରେ। ଶରୀର ସୁଢଳ ଏବଂ ଆକର୍ଷଣୀୟ ରହିବାରେ ସହାୟକ ଏହି ପ୍ରଚଳିତ ପ୍ରଥା ଅନନ୍ୟ। ସମସ୍ତ ପ୍ରକାରର ପିଠା ଗଢ଼ିବା, କୁନି କୁନି ଗଇଁଠା ଗଢ଼ିବା, ଚଟୁ, ପିଠା ଖଡିକା ଧରିବା ସମୟରେ ସ୍ପର୍ଶ ଜନିତ ପ୍ରକିୟାରେ ଶରୀର ର ସ୍ନାୟୁ ସମୂହ ଚଳଚଞ୍ଚଳ ରହେ। ଦୁଆରବନ୍ଧରେ ପଡ଼ିଥିବା ଝୋଟିକୁ ନମାଡିବା ନିମିତ୍ତ ଯେଉଁ ପଦଚାଳନା ହୁଏ , ସେଥିରେ ସ୍ୱଳ୍ପ ବ୍ୟାୟାମ ସଦୃଶ ହୋଇଥାଏ। ଓଡ଼ିଆ ପରମ୍ପରା ନିଆରା, ମନମୁଗ୍ଧକର ଏବଂ ଗବେଷଣା ପାଇଁ ଖୋରାକ୍ ଯୋଗାଏ।

ଶବ୍ଦ କୌଶଳରେ ଜଡ଼ିତ ଭଜନ, କୀର୍ତ୍ତନ, ଅଷ୍ଟପ୍ରହରୀ ଇତ୍ୟାଦି ଖାଲି ଶରୀର, ମନକୁ ସୁସ୍ଥ ରଖେ ନାହିଁ, ଚତୁର୍ପାର୍ଶ୍ୱର ବାତାବରଣରେ ଶୁଦ୍ଧତା ଆଣି ଜୀବନ, ପ୍ରାଣକୁ ଋଦ୍ଧିମନ୍ତ କରିଥାଏ। ଜୀବନଚର୍ଯ୍ୟା, ଖାଦ୍ୟ ପାନୀୟ ଦ୍ୱାରା ମନୁଷ୍ୟ ଦୀର୍ଘାୟୁ ହୋଇଥାଏ। ମନର ସକରାତ୍ମକ ଭାବନାରେ ଜ୍ଞାନକୋଷ ଉଦବୁଦ୍ଧ ହୁଏ। ଦିବ୍ୟ ସତ୍ତାର ଉପଲବ୍ଧି ହୁଏ। ଯେଉଁ ଅଦୃଶ୍ୟ ଏବଂ ସୂକ୍ଷ୍ମ ଶକ୍ତି ବଳରେ ସୂର୍ଯ୍ୟଙ୍କ କିରଣ ପ୍ରଭା ବିଚ୍ଛୁରିତ କରେ, ଉତ୍ତାପ ପ୍ରଦାନ କରେ, ଶକ୍ତିର ଉଚ୍ଛ୍ୱାସ ଘଟେ, ଯେଉଁ ତତ୍ତ୍ୱରେ ପତ୍ର ମଧ୍ୟରୁ କଳିକା ଏବଂ କୁସୁମ ବିକଶିତ ହୁଏ, ସମୀର ସ୍ପର୍ଶ କରେ, ଶୀତଳତା ଲହରାଇ ଜଳ ତରଙ୍ଗ ଉଛୁଳୁଥାଏ , କର୍ଦ୍ଦମରୁ କମଳ କୁସୁମ ବିକଶିତ ହୁଏ, ସୁବାସ ଲହରାଇ ପୁଷ୍ପ ମନ ଜିଣିନିଏ, ଗୋମାତାର ଦୁଗ୍ଧ ପୀୟୁଷ ସଦୃଶ ହୁଏ, ପୁଷ୍ଟିସାର ଜାତୀୟ ଉଭିଦ, ଶସ୍ୟଶ୍ୟାମଳାପୂର୍ଣ୍ଣ ଧରିତ୍ରୀ ମା'କୁ ଆମେ ମାଟି ମାଆ କହୁ, ସେହି ସବୁ ତତ୍ତ୍ୱରେ ପରିପୂର୍ଣ୍ଣ ଜୀବନରେ ପ୍ରଥା ଏବଂ ପରମ୍ପରାର ଗୁରୁତ୍ୱପୂର୍ଣ୍ଣ ମହତ୍ତ୍ୱ ରହିଛି। ତାହା ପିଢ଼ି ପରେ ପିଢ଼ିକୁ ଶିକ୍ଷା ଦାନ କରି ଜୀବନରେ ଉଦ୍ଧାମତା ତ୍ୟାଗ କରି ତପସ୍ୟାରେ ନିମଗ୍ନ ରହିବା ଆବଶ୍ୟକ। ତପସ୍ୟାର ଅର୍ଥ ଆଖି ବୁଜି ଧ୍ୟାନମଗ୍ନ ରହିବା ନୁହେଁ। କର୍ମମୁଖର ବ୍ୟସ୍ତତା ଭିତରେ ଉତ୍ତମ ଆଚରଣ, ଶୃଙ୍ଖଳିତ ଉଚ୍ଚାରଣ ଏବଂ ପବିତ୍ର ଚିନ୍ତନ ଆଣିବାର ପ୍ରୟାସରେ ଏହି ବିଧିବିଧାନ ଏବଂ ପ୍ରଥା ପ୍ରଚଳନ। ଯେଉଁ ସବୁ ସୁକୃତି, ସୁକର୍ମ ମାନ

ଆବଶ୍ୟକ ତାହାହିଁ ସଂସ୍କୃତି ରୂପରେ ଉଭା ହୋଇଛି। ଆମର ସଂସ୍କୃତି ଏବଂ ପରମ୍ପରାର ରକ୍ଷା ଆମେ କରିବା ନାହିଁ ତ ଆଉ କରିବ କିଏ ?

***ମନସ୍ୱିନୀ ସାହୁ***
***ଅତିରିକ୍ତ ଶାସନ ସଚିବ, ଶକ୍ତି ବିଭାଗ***
***ଓଡ଼ିଶା ସରକାର***







# No religious work is complete without a wife.

Life remains incomplete without a companion. Therefore marriage is an important part of life."Planet drives our life.Our horoscope is the blue print of our life. It lets us know what events are going to happen in our life.From the horoscope we can know how our marriage will happen, with whom and when it will



happen.Our horoscope gives answers to all the questions.

Jupiter, Venus, Mars, those planets are very important for marriage.We can also know whether this planet is good or bad from our physical features.Today I am sharing some combinations which you can know about own planet's strength."Mars represents teeth. If a girl's teeth are crooked, then her Mars is bad, it can also be a Manglik dosha which can delay the marriage.

If a girl's eyebrows are joined, it is a combination of Mars and Ketu which leads to delay in marriage or bad married life.

Eye represents Venus. If someone has squint eye it will also leads to delay in marriage Or there may be ups and downs in married life."If we do not like yellow color, if there is no elder in our house then somewhere our Jupiter is afflicted.

Vastu also plays vital role. If North west ,East and south East of our house have vastu dosha , any defect then also marriage issue is arised.

Those are common factor we can easily observe in our life and take proper remedy of those planet for successful marriage.



***Suchismita Pradhan***
*Nadi Astrologys and Vastu Expert.*

ଭାଗ:୧, ସଂଖ୍ୟା: ୩, ଭୁବନେଶ୍ୱର, ଡିସେମ୍ବର ୫-୧୧, ୨୦୨୩
Vol: 1, Issue: 3, Bhubaneswar, December 5-11 ó, 2023
ଆଇନକାନୁନ୍ ଭଏସ୍ ଅଫ୍ ଭିକ୍ଟିମ୍ସ
Voice of Victims


# ଅନୁଚ୍ଛେଦ ୩୭୦ ଉଚ୍ଛେଦ ଆଇନଗତ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ:ଜମ୍ମୁ-କାଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦର ଶୁଣାଣି ବେଳେ ସୁପ୍ରିମକୋର୍ଟର ସାମ୍ବିଧାନିକ ଖଣ୍ଡପୀଠ ଏକ ଐତିହାସିକ ରାୟ ଦେଇଛନ୍ତି। ସୁପ୍ରିମକୋର୍ଟ ଏହା ପୂର୍ବରୁ ସେପ୍ଟେମ୍ବର ୫ ତାରିଖରେ ୧୬ ଦିନ ବିତର୍କ ପରେ ଅନୁଚ୍ଛେଦ ୩୭୦କୁ ସଂରକ୍ଷଣ ରଖିଥିଲେ। ଏହି ନିଷ୍ପତ୍ତି ଭାରତର ପ୍ରଧାନ ବିଚାରପତି ଡି.ଇ ଚନ୍ଦ୍ରଚୂଡ, ଜଷ୍ଟିସ ସଞ୍ଜୟ କିଶନ କୌଲ, ଜଷ୍ଟିସ ସଞ୍ଜୀବ ଖାନ୍ନା, ବି.ଆର ଗଭଇ ଏବଂ ଜଷ୍ଟିସ ସୂର୍ଯ୍ୟ କାନ୍ତଙ୍କ ପାଞ୍ଚ ଜଣିଆ ସମ୍ବିଧାନ ବେଞ୍ଚ ଦେଇଛନ୍ତି।

କୋର୍ଟରେ ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରାମଣି, ସଲିସିଟର ଜେନେରାଲ ତୁଷାର ମେହେତା, ବରିଷ୍ଠ ଓକିଲ ହରିଶ ସାଲଭେ, ରାକେଶ ଦ୍ୱିବେଦୀ, ଭି ଗିରି ଏବଂ ଅନ୍ୟମାନେ ଅନୁଚ୍ଛେଦ ୩୭୦ ରଦ୍ଦ କରିବାର କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି। ଏଥି ସହ କପିଲ ସିବଲ, ଗୋପାଳ ସୁବ୍ରମଣ୍ୟମ, ରାଜୀବ ଧାୱନ, ଜାଫର ଶାହା, ଦୁଷ୍ୟନ୍ତ ଦବେ ଏବଂ ଅନ୍ୟ ବରିଷ୍ଠ ଓକିଲମାନେ ଆବେଦନକାରୀଙ୍କ ପକ୍ଷରୁ ସେମାନଙ୍କ ଯୁକ୍ତି ଉପସ୍ଥାପନ କରିଥିଲେ। ମୁଖ୍ୟ ପ୍ରଶ୍ନ ଉପରେ ସିଜେଆଇ କହିଛନ୍ତି ଯେ, ସେହି ସମୟ ମଧ୍ୟରେ ରାଜ୍ୟରେ ଲାଗୁ ହୋଇଥିବା ରାଷ୍ଟ୍ରପତିଙ୍କ ନିୟମ ଉପରେ ଆମେ କୌଣସି ନିଷ୍ପତ୍ତି ନେଇ ନାହୁଁ। ପରିସ୍ଥିତି ଅନୁଯାୟୀ ରାଷ୍ଟ୍ରପତିଙ୍କ ନିୟମ ଲାଗୁ କରାଯାଇପାରେ। ଧାରା




୩୫୬ ଅନୁଯାୟୀ ରାଷ୍ଟ୍ରପତିଙ୍କ କ୍ଷମତା ଅଛି। ଏହାକୁ ଚ୍ୟାଲେଞ୍ଜ କରାଯାଇପାରିବ ନାହିଁ, ସାମ୍ବିଧାନିକ ସ୍ଥିତି ହେଉଛି ଯେ ସେମାନଙ୍କୁ ଉପଯୁକ୍ତ ଭାବରେ ବ୍ୟବହାର କରାଯିବା ଉଚିତ୍। ରାଷ୍ଟ୍ରପତିଙ୍କ ଶାସନ କାଳରେ ରାଜ୍ୟ ସରକାରଙ୍କ ସ୍ଥାନରେ କେନ୍ଦ୍ର ନିଷ୍ପତ୍ତି ନେଇପାରେ। ରାଜ୍ୟ ବିଧାନସଭା ସ୍ଥାନରେ ସଂସଦ କାର୍ଯ୍ୟ କରିପାରିବ। କୋର୍ଟ କହିଛନ୍ତି ଯେ, ଯେତେବେଳେ ରାଜ ହରି ସିଂ ଭାରତ ସହିତ ମିଶ୍ରଣ ଚୁକ୍ତି ସ୍ୱାକ୍ଷର କଲେ, ସେତେବେଳେ ଜମ୍ମୁ କାଶ୍ମୀରର ସାର୍ବଭୌମତ୍ୱ ସେଶ ହୋଇଯାଇଥିଲା। ଏହା ଭାରତ ଅଧୀନରେ ହେଲା। ଏଥିରୁ ସ୍ପଷ୍ଟ ଯେ ଜମ୍ମୁ କାଶ୍ମୀର ହେଉଛି ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଜମ୍ମୁ କାଶ୍ମୀରର ସମ୍ବିଧାନଠାରୁ ଉଚ୍ଚରେ ଭାରତର ସମ୍ବିଧାନ ଅଟେ।

## ସୁପ୍ରିମକୋର୍ଟଙ୍କ ରାୟ ଐତିହାସିକ: ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଧାରା ୩୭୦ ଉଚ୍ଛେଦ ଉପରେ ସୁପ୍ରିମକୋର୍ଟଙ୍କ ରାୟ ହେଉଛି ଐତିହାସିକ ଏବଂ ଏହା ୫ ଅଗଷ୍ଟ ୨୦୧୯ରେ ଭାରତୀୟ ସଂସଦ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ସାମ୍ବିଧାନିକ ଭାବେ ବଜାୟ ରଖିଛି। ଶ୍ରୀ ମୋଦୀ ଆହୁରି ମଧ୍ୟ କହିଛନ୍ତି ଯେ ନ୍ୟାୟାଳୟ ତାଙ୍କ ଗଭୀର ଜ୍ଞାନରେ ଏକତାର ସାରତତ୍ତ୍ୱକୁ ସୁଦୃଢ଼ କରିଛନ୍ତି, ଯାହାକୁ ଆମେ ଭାରତୀୟ ଭାବରେ ସବୁଠାରୁ ଅଧିକ ପ୍ରିୟ ବୋଲି



ମାନିଥାଉ ଏବଂ ସମ୍ମାନ ଦେଇଥାଉ।

ପ୍ରଧାନମନ୍ତ୍ରୀ ଏକ୍ସରେ ପୋଷ୍ଟ କରି କହିଛନ୍ତି ଯେ, ଧାରା ୩୭୦ ଉଚ୍ଛେଦ ଉପରେ ସୁପ୍ରିମକୋର୍ଟଙ୍କ ଆଜିର ରାୟ ଐତିହାସିକ ଏବଂ ଏହା ୨୦୧୯ ଅଗଷ୍ଟ ୫ ତାରିଖରେ ଭାରତୀୟ ସଂସଦ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ସାମ୍ବିଧାନିକ ଭାବେ ବଜାୟ ରଖିଛି। ଏହା ଜାମ୍ମୁ, କାଶ୍ମୀର ଏବଂ ଲଦାଖର ଆମର ଭଉଣୀ ଓ ଭାଇମାନଙ୍କ ପାଇଁ ଆଶା, ପ୍ରଗତି ଏବଂ ଏକତାର ଏକ ଚମତ୍କାର ଘୋଷଣା। ନ୍ୟାୟାଳୟ ନିଜର ଗଭୀର ଜ୍ଞାନରେ ଏକତାର ସାରତତ୍ତ୍ୱକୁ ସୁଦୃଢ଼ କରିଛନ୍ତି, ଯାହାକୁ ଭାରତୀୟ ଭାବରେ ଆମେ ସବୁଠାରୁ ଅଧିକ ପ୍ରିୟ ବୋଲି ମାନିଥାଉ ଏବଂ ସମ୍ମାନ ଦେଇଥାଉ। ମୁଁ ଜାମ୍ମୁ, କାଶ୍ମୀର ଏବଂ ଲଦାଖର ଦୃଢ଼ମନା ଲୋକଙ୍କୁ ଆଶ୍ୱାସନା ଦେବାକୁ ଚାହୁଁଛି ଯେ ଆପଣଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ଆମର ପ୍ରତିବଦ୍ଧତା ଅତୁଟ ରହିଛି। ପ୍ରଗତିର ସୁଫଳ ଯେପରି କେବଳ ଆପଣଙ୍କ ପାଖରେ ପହଞ୍ଚିବ, ତାହା ନୁହେଁ ବରଂ ଧାରା ୩୭୦ ଯୋଗୁଁ କ୍ଷତିଗ୍ରସ୍ତ ଆମ ସମାଜର ସବୁଠାରୁ ଦୁର୍ବଳ ଏବଂ ଅବହେଳିତ ବର୍ଗଙ୍କୁ ମଧ୍ୟ ଏହାର ଲାଭ ପହଞ୍ଚାଇବାକୁ ଆମେ ସଂକଳ୍ପବଦ୍ଧ। ଆଜିର ରାୟ କେବଳ ଏକ ଆଇନଗତ ରାୟ ନୁହେଁ; ଏହା ଏକ ଆଶାର କିରଣ, ଉଜ୍ଜ୍ୱଳ ଭବିଷ୍ୟତର ପ୍ରତିଶ୍ରୁତି ଏବଂ ଏକ ଶକ୍ତିଶାଳୀ, ଅଧିକ ଅଖଣ୍ଡ ଭାରତ ଗଠନ ପାଇଁ ଆମର ସାମୂହିକ ସଂକଳ୍ପର ପ୍ରମାଣ।

## ତିନି ନ୍ୟାୟ ସଂହିତା ବିଲ୍ ପ୍ରତ୍ୟାହାର କଲେ କେନ୍ଦ୍ର ସରକାର



କେନ୍ଦ୍ର ପକ୍ଷରୁ ପ୍ରସ୍ତାବିତ ତିନିଜଣ ନୂତନ ଅପରାଧୀ – ଭାରତୀୟ ନ୍ୟାୟ ସଂହିତା ବିଲ୍, ଭାରତୀୟ ନାଗରିକ୍ ସୁରକ୍ଷା ବିଲ୍ ଏବଂ ଭାରତୀୟ ସାକ୍ଷ୍ୟ ବିଲ୍ – ସଂସଦୀୟ ସ୍ଥାୟୀ କମିଟିର ସୁପାରିଶ ପରେ ସରକାର ପ୍ରତ୍ୟାହାର କରି ନେଇଛନ୍ତି।

ଭାରତୀୟ ନ୍ୟାୟ ସଂହିତା ବିଲ୍ ୨୦୨୩, ଭାରତୀୟ ନାଗରିକ୍ ସୁରକ୍ଷା ସଂହିତା ବିଲ୍ ୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ ବିଲ୍ ୨୦୨୩ ବ୍ରିଟିଶ ଯୁଗର ତିନୋଟି ନିୟମ – ଭାରତୀୟ ଦଣ୍ଡବିଧି ସଂହିତା, ଅପରାଧିକ ପ୍ରକ୍ରିୟା ଏବଂ ଭାରତୀୟ ପ୍ରମାଣ ଆଇନକୁ ବଦଳାଇବା ପାଇଁ ସଂସଦରେ ଆଗତ କରାଯାଇଥିଲା। ତେବେ ଏହି ତିନୋଟି ବିଲ୍ ପରେ ବିସ୍ତୃତ ମୂଲ୍ୟାଙ୍କନ ପାଇଁ ସଂସଦର ଏକ କମିଟିକୁ ପଠାଗଲା ଏବଂ ତିନିମାସ ମଧ୍ୟରେ କମିଟି ଏହାର ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିଲା। ଏହି ବିଲ୍ ଲୋକ ସଭାରେ ଆଗତ କରିବା ସମୟରେ ଏହା ଲୋକମାନଙ୍କୁ ଦଣ୍ଡ ନୁହେଁ ନ୍ୟାୟ ପ୍ରଦାନ କରିବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କହିଥିଲେ।

## ଗୋଟିଏ କାର୍ଯ୍ୟକ୍ଷେତ୍ରରେ ଏକାଠି ଚାକିରି କରିପାରିବେ ନାହିଁ ସ୍ୱାମୀ-ସ୍ତ୍ରୀ: ହାଇକୋର୍ଟ

ଲକ୍ଷ୍ନୌ: ଲକ୍ଷ୍ନୌ ହାଇକୋର୍ଟ ଚାକିରିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସ୍ୱାମୀ-ସ୍ତ୍ରୀ ଗୋଟିଏ କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତି କରିବା ମାମଲାରେ ଏକ ପିଟିଶନ କୋର୍ଟରେ ଦାଖଲ କରାଯାଇଥିଲା। ଜଷ୍ଟିସ ପ୍ରକାଶ ଶୁକ୍ଲାଙ୍କ ଖଣ୍ଡପୀଠ ଏହି ଆବେଦନକୁ ଖାରଜ କରିଛନ୍ତି। କୋର୍ଟ କହିଛନ୍ତି, ସ୍ୱାମୀ-ସ୍ତ୍ରୀ ଗୋଟିଏ କାର୍ଯ୍ୟସ୍ଥଳୀରେ ଏକାଠି ନିଯୁକ୍ତି ହେବା ଗ୍ରହଣୀୟ ନୁହେଁ। ଏନେଇ ତାଙ୍କୁ କୌଣସି ଅଧିକାର ଦିଆଯାଇ ନାହିଁ। ଏ ସମ୍ପର୍କରେ ଉକ୍ତ ବିଭାଗ ବିଚାର କରି ପାରିବେ। ମାତ୍ର ଏହା ଜରୁରୀ ନୁହେଁ କି, ସ୍ୱାମୀ-ସ୍ତ୍ରୀ ଗୋଟିଏ ଗୋଟିଏ କାର୍ଯ୍ୟକ୍ଷେତ୍ରରେ ଏକାଠି କାମ କରିବେ। ଲକ୍ଷ୍ନୌ ହାଇକୋର୍ଟରେ ସ୍ୱାମୀ-ସ୍ତ୍ରୀ ଗୋଟିଏ ସ୍ଥାନରେ ଚାକିରି କରିବା ନେଇ କୋର୍ଟରେ ଆବେଦନ କରିଥିଲେ। ବେସିକ୍ ଶିକ୍ଷା ବିଭାଗ ଯାଚିକାକୁ ଖାରଜ କରିବା ସହ ଟ୍ରାନ୍ସଫର ଉପରେ ସହମତି ହୋଇ ନ ଥିଲେ।

## ବିଚାର ପୂର୍ବରୁ ଦୀର୍ଘଦିନ ଜେଲରେ ରଖାଯାଇପାରିବ ନାହିଁ

ନୂଆଦିଲ୍ଲୀ: ବିଚାର ପୂର୍ବରୁ ଅଭିଯୁକ୍ତଙ୍କୁ ଦୀର୍ଘଦିନ ଜେଲରେ ରଖାଯାଇପାରିବ ନାହିଁ ବୋଲି ଦିଲ୍ଲୀ ଅବକାରୀ ନୀତି ସ୍କାମ୍ ମାମଲାର ଶୁଣାଣି ବେଳେ ସୁପ୍ରିମକୋର୍ଟ କହିଛନ୍ତି। ଏହି ମାମଲା ସହ ସମ୍ପୃକ୍ତ ବିଶ୍ୱର ଅନ୍ୟତମ ବୃହତ୍ ମଦ କମ୍ପାନୀ ପେର୍‌ନୋଡ୍ ରିକାର୍ଡ ଇଣ୍ଡିଆର ବରିଷ୍ଠ କାର୍ଯ୍ୟନିର୍ବାହୀ ବିନୟ ବାବୁଙ୍କୁ ସର୍ବୋଚ୍ଚ ଅଦାଲତ ଜାମିନ ମଞ୍ଜୁର କରିଛନ୍ତି। ଉକ୍ତ ମାମଲାର ତଦନ୍ତ କରୁଥିବା ସିବିଆଇ ଏବଂ ଇଡିଙ୍କ ଅଭିଯୋଗ ମଧ୍ୟରେ ବିରୋଧାଭାସ ରହିଥିବାରୁ ରାୟ କ'ଣ ହେବ ଜଣାନାହିଁ ବୋଲି ଜଷ୍ଟିସ୍ ସଞ୍ଜୀବ୍ ଖାନ୍ନା କହିଥିଲେ। ପେରନୋଡ୍ ରିକାର୍ଡ ଇଣ୍ଡିଆର ଆଞ୍ଚଳିକ ଜେନେରାଲ ମ୍ୟାନେଜର ୧୩ ମାସ ଜେଲରେ ରହିସାରିଲେଣି।

CONTACT 6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe : Voice Of Victims News

Printed by Gyana Ranjan Mishra and published by Gyana Ranjan Mishra on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006
Email- voiceofvictimsnews@gmail.com
Editor: Gyana Ranjan Mishra
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର